## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ଶୋଭାଯାତ୍ରା ଓ ଧାରଣା, ରେଲୱେ ଷ୍ଟେଶନରୁ ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ନେତାଜୀ ସ୍କୁଲ ଓ କଲେଜ ଅଫ ନର୍ସିଂର ବାର୍ଷିକ ଉତ୍ସବ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ, ଜାଭିୟର ଛକ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ୧୬ରୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ

**କଟକ ଅଫିସ,୧୪।୧୨:** ଆସନ୍ତା ୧୬, ୧୭ ଓ ୧୮ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ୬୩ ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ ଅନୁଷ୍ଠିତ ହେବ। ୧୮ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭାଷଣ ଦେବା କାର୍ଯ୍ୟକ୍ରମ ରହିଛି। ଏନେଇ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଆଜିଠୁ ଇକୋ ରିଟ୍ରିଟ୍ ଆରମ୍ଭ

କୋଣାର୍କ,୧୪।୧୨(ଡି.ଏନ୍.ଏ.): କୋଭିଡ ଗାଇଡଲାଇନ ଅନୁଯାୟୀ ବୁଧବାରରୁ ଆରମ୍ଭ ହେଉଛି ଇକୋ ରିଟ୍ରିଟ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ ୧୧ଟାରେ ଭର୍ଚୁଆଲ ପ୍ଲାଟଫର୍ମରେ ଇକୋ ରିଟ୍ରିଟକୁ ଉଦ୍‌ଘାଟନ କରିବେ। କୋଣାର୍କ-ପୁରୀ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଇକୋ ରିଟ୍ରିଟ ଉତ୍ସବ ନିମନ୍ତେ ପ୍ରସ୍ତୁତି ଦ୍ରୁତ ଗତିରେ ଚାଲିଛି। ଏହି ଇକୋ ରିଟ୍ରିଟ୍ ଆସନ୍ତା ତିନି ମାସ ଧରି ଚାଲିବ। ଝଲସି ଉଠିବ ସ୍ୱର୍ଣାଭ ବେଳାଭୂମି। ପ୍ରାକୃତିକ ପରିବେଶରେ ଏକ ଅନନ୍ୟ ଅନୁଭୂତି ସାଉଁଟିବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ। ଏହି ଉତ୍ସବ ନିମନ୍ତେ ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯାଇଛି। ଅନ୍‌ଲାଇନରେ ୫୦୦ ତମ୍ବୁଘର ବୁକିଂ ହୋଇଥିବା ସୂଚନା ମିଳିଛି।




ବେଳାଭୂମିରେ ୫୮ ତମ୍ବୁଘରେ ରାତ୍ରୀଯାପନ ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ରହିଛି। ଏଥିରେ ଜଳକ୍ରୀଡ଼ା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ସ୍ପିଡ ବୋଟିଂ, ପାରା ମୋଟରିଂ, ବାଇସାଇକେଲ, ଜରବିଂଗ, ବିଚ ଭଲିବଲ, କାଇଟ ଫ୍ଲାଇଙ୍ଗ, ପାରାସେଲିଂ ଆଦି କାର୍ଯ୍ୟକ୍ରମ ଦେଖିବାକୁ ମିଳିବ।

# 'ବ୍ଲୁଇସ୍' ଆପ୍ ପାଇଁ ବିଡିଏକୁ ମିଳିବ ସ୍ୱର୍ଣ୍ଣ ପଦକ

## ଇ-ଗଭର୍ନାନ୍ସରେ ଓଡ଼ିଶାକୁ ସଫଳତା



ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଇ-ଗଭର୍ନାନ୍ସରେ ଓଡ଼ିଶାକୁ ସଫଳତା ମିଳିଛି। କେନ୍ଦ୍ର ସରକାରଙ୍କ ଇ-ଗଭର୍ନାନ୍ସ ବିଭାଗ ପକ୍ଷରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ବ୍ଲୁଇସ୍ ଆପ୍ ସ୍ୱର୍ଣ୍ଣ ପଦକ ପାଇବାକୁ ମନୋନୀତ ହୋଇଛି। ଆସନ୍ତା ଜାନୁୟାରୀ ୭ ଓ ୮ତାରିଖରେ ହାଇଦ୍ରାବାଦରେ ହେବାକୁ ଥିବା ୨୪ତମ ଜାତୀୟସ୍ତରୀୟ ଇ-ଗଭର୍ନାନ୍ସ କର୍ମଶାଳାରେ ବିଡିଏକୁ ଏହି ପୁରସ୍କାର ଦିଆଯିବ। ଭୁବନେଶ୍ୱରରେ ଜମି ହଡ଼ପକୁ ରୋକିବା ପାଇଁ ବିଡିଏ, ସାଧାରଣ ପ୍ରଶାସନ ଏବଂ ଓରସାକ୍‌ର ମିଳିତ ସହଯୋଗରେ ପ୍ରସ୍ତୁତ ସ୍ୱତନ୍ତ୍ର ଆପ୍ 'ବ୍ଲୁଇସ୍' (ଭୁବନେଶ୍ୱର ଲ୍ୟାଣ୍ଡ୍ ୟୁଜର୍ସ ଇଣ୍ଟେଲିଜେନ୍ସ ସିଷ୍ଟମ୍)କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇଥିବାରୁ ଏବେ ଅନ୍ୟ ରାଜ୍ୟଗୁଡ଼ିକ ଏହି ଟେକ୍ନୋଲୋଜିକୁ ଆପଣେଇବେ ବୋଲି ଆଶା କରାଯାଉଛି।

ରାଜଧାନୀ ଭୁବନେଶ୍ୱରର ବହୁ ମୂଲ୍ୟ ଜମି ଉପରେ ଜମି ମାଫିଆ ଓ ବିଲ୍ଡରମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ତେଣୁ ସେମାନେ ସହରର ଅନେକ ଜମିକୁ ଜବରଦଖଲ କରିବା ପରେ ସେଠାରେ ବେଆଇନ୍ ନିର୍ମାଣ କରି ମାଲାମାଲ୍ ହେଉଛନ୍ତି। ଏହାକୁ ରୋକିବା ପାଇଁ ଏହି 'ବ୍ଲୁଇସ୍' ଆପ୍ ପ୍ରସ୍ତୁତ କରାଯାଇଛି। ଏହା ସାଟେଲାଇଟ୍ ଦ୍ୱାରା ସଂଯୁକ୍ତ କରୁଥିବାରୁ ଜବରଦଖଲ ନେଇ ତୁରନ୍ତ ସୂଚନା ମିଳି ପାରୁଛି। ଯାହାଫଳରେ ସରକାରୀ ଜମି ଜବରଦଖଲ ମୁକ୍ତ ହେବା ସହ ଚିହ୍ନଟ ପ୍ରକ୍ରିୟା ସହଜ ହେଉଛି। ଏ ସମ୍ପର୍କରେ ବିଡିଏ ସିଇଓ ସଞ୍ଜୟ କୁମାର ସିଂହ କହିଛନ୍ତି, ବ୍ଲୁଇସ୍ ଦ୍ୱାରା ସରକାରୀ ଜମି ଜବରଦଖଲ ହେଲେ ବା ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରାଗଲେ ସେ ସମ୍ପର୍କରେ ଜାଣିପାରୁଛୁ। ସାଟେଲାଇଟ୍ ଦ୍ୱାରା ଆମକୁ ଠିକ୍ ସୂଚନା ମିଳୁଛି। ସହରର ସବୁଆଡ଼େ ସ୍କ୍ୱାଡ୍ ନେଇ ବୁଲି ଜବରଦଖଲ ଦେଖିବା ସମ୍ଭବ ନୁହେଁ। ଏହାର ଫାଇଦା ଉଠାଇ କିଛି ଅସାମାଜିକ ଲୋକ ବେଆଇନ୍ ନିର୍ମାଣ କରୁଛନ୍ତି। ମାତ୍ର ଏବେ ସେ ସମସ୍ୟା ନାହିଁ। ବ୍ଲୁଇସ୍ ମାଧ୍ୟମରେ ସୂଚନା ପାଇବା ପରେ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଛି।

# ଅବହେଳିତ ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ

ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)

ହ୍ୟୁମାନ ପୋଟେନ୍‌ସିଆଲ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ପ୍ରବାସୀ ଓଡ଼ିଆମାନଙ୍କୁ ନେଇ ଭର୍ଚୁଆଲ ମାଧ୍ୟମରେ ଏକ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଅବହେଳିତ ଛାତ୍ରୀଛାତ୍ରଙ୍କ ଜୀବନ ବିକାଶରେ ଆମର ଦାୟିତ୍ୱ' ଆଲୋଚନାର ବିଷୟବସ୍ତୁ ଥିଲା। ଏହି ଅବହେଳିତ ପିଲାମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ସଚେତନ ନାଗରିକମାନେ ଆଗେଇ ଆସିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଫ୍ଲୋରିଡ଼ାରୁ କିରଣ ସେନାପତି, ବୋଷ୍ଟନରୁ ଡ. ବସନ୍ତ ପରିଡ଼ା, ଘାନାରୁ ସରୋଜ ପଟ୍ଟନାୟକ, ନାଇଜେରିଆରୁ ରମେଶ ଚନ୍ଦ୍ର ବିଶ୍ୱାଳ, କାନାଡାରୁ ଡ. ସୁନନ୍ଦା ମିଶ୍ର ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ମହାରାଷ୍ଟ୍ର ଓଡ଼ିଆ ୱେଲଫେୟାର ଆସୋସିଏଶନ୍ (ମୋୱା) ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ପରିଚାଳନା କରିଥିଲେ। ପାରିବାରିକ ପରାମର୍ଶଦାତା ଡ. ହରପ୍ରସନ୍ନ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜକୁମାର ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

# ବାରାଶିଙ୍ଗା ମୃତ, ସିଂହ ସମ୍ରାଟ ଅସୁସ୍ଥ

ବାରଙ୍ଗ,୧୪।୧୨(ଡି.ଏନ୍.ଏ.)

ନନ୍ଦନକାନନର ୩୭ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ବାରାଶିଙ୍ଗାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ରବିବାର ଏନ୍‌କ୍ଲୋଜରରେ ଖାଦ୍ୟାଭାବ ଯୋଗୁ ଅନ୍ୟ ଅଣ୍ଡିରା ବାରଶିଘାଙ୍କ ସହ ଗଣ୍ଡଗୋଳ ହୋଇ ତା' ଦେହରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହେବାରୁ ଅଚେତ ହୋଇ ତଳେ ପଡିଯାଇଥିଲା। ଏହାପରେ ତା'ର ଚିକିତ୍ସା ନନ୍ଦନକାନନ ଡାକ୍ତରମାନେ କରିଥିଲେ ହେଁ ବଞ୍ଚାଇ ପାରି ନ ଥିଲେ। ସେହିପରି ସରୀସୃପ ଉଦ୍ୟାନର ୪୯ ଏ ଏନ୍‌କ୍ଲୋଜରରେ ଥିବା ମାଈ ଓ ଅଣ୍ଡିରା ପାଣି ଗୋଧି ମାଡଗୋଳ ହୋଇ ଅସୁସ୍ଥ ହୋଇଛନ୍ତି। ଉଭୟଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହେବାରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ପୁଣିଥରେ ଅସୁସ୍ଥ ହୋଇଛି ଅଣ୍ଡିରା ସିଂହ ସମ୍ରାଟ। ଦ୍ୱିତୀୟଥର ପାଇଁ ସିଂହ ସଫାରିର ଏହି ଅସୁସ୍ଥ ସିଂହଟିର ଡାକ୍ତରଖାନାର ଆଇସିୟୁ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ଏକ ମାଈ ସିଂହୀ ସହିତ ଗତ ମାସରେ ମିଳନକୁ ନେଇ ସିଂହ ଶରତ ଓ ସମ୍ରାଟ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଶରତ ଆକ୍ରମଣରେ ସମ୍ରାଟ ଆହତ ହୋଇ ଚିକିତ୍ସା ହେବାପରେ ଏକପ୍ରକାର ସୁସ୍ଥ ହୋଇଥିଲା।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ଶତବାର୍ଷିକୀ ପାଳନ ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍‌ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ଅଣାଯାଉଛି।

# କାଳିନ୍ଦୀଚରଣଙ୍କ ଜନ୍ମସ୍ଥାନରୁ ଆସିଲା ମାଟି

ବାଲିପାଟଣା,୧୪।୧୨(ଡି.ଏନ୍.ଏ.)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ଆସନ୍ତା ୨୪ ତାରିଖରେ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍‌ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ନିଆଯାଇଛି। ଏହି ହଷ୍ଟେଲର ଅନ୍ତେବାସୀ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ତେବାସୀମାନେ ଏକ ଶୋଭାଯାତ୍ରାରେ ବିଶ୍ୱନାଥପୁର ଛକରୁ ବାହାରି କାଳିନ୍ଦୀ ଚରଣଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ଏକ ମାଠିଆରେ ରଖାଯାଇଥିଲା। ପରେ ମନ୍ତ୍ରଧ୍ୱନିରେ ଜଳଶୁଦ୍ଧି କରି ନିଆଯାଇଥିଲା। ହଷ୍ଟେଲ ପ୍ରାଙ୍ଗଣରେ ସ୍ମୃତି ସ୍ତମ୍ଭ ସ୍ଥାପନା ସହ ବୃକ୍ଷରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲାପାଳ ମହାପାତ୍ର କହିଛନ୍ତି, କାଳିନ୍ଦୀ ଚରଣଙ୍କ ଜନ୍ମମାଟିର ଉନ୍ନତି ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବି। ଏହି ମାଟି ସଂଗ୍ରହ ଅଭିଯାନରେ ଆଲୁମ୍‌ନି କମିଟି ସମ୍ପାଦକ ପ୍ରତାପ କୁମାର ମହାନ୍ତି, ଶଶାଙ୍କ ଶେଖର ରାଉତ, ସନ୍ତୋଷ ସେଠୀ, ଶୁଭ୍ରାଂଶୁ ମିଶ୍ର, ଅମୃତ ସାହୁ, ସୁମୃତ ଶୁଭ୍ରମାନ ବିଶ୍ୱାଳ, ଦିବ୍ୟରଞ୍ଜନ, ଉମେଶ ଗଡ଼ନାୟକ, ଆଶିଷ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

# ଏକାମ୍ର ନିର୍ବାଚନମଣ୍ଡଳୀରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ପାଇବେ ୧.୨୫ ଲକ୍ଷ ଲୋକ

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୧୪।୧୨

ଏକାମ୍ର ନିର୍ବାଚନମଣ୍ଡଳୀର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରାୟ ୩୫ ହଜାର ପରିବାରର ୧.୨୫ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ। ଏହି ଅବସରରେ ମଙ୍ଗଳବାର ଏକାମ୍ରର ବିଭିନ୍ନ ଅଞ୍ଚଳରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ୱାର୍ଡ ନଂ ୪୪,୫୭, ୫୫, ୬୬,୨୩,୬୩, ଇଟିପୁର ଏବଂ ଟିକରପଡ଼ା ଗ୍ରାମପଞ୍ଚାୟତରେ ଏହି ସ୍ମାର୍ଟ କାର୍ଡ ବଣ୍ଟନ ସହ ଇଟିପୁରରେ ଶ୍ରମିକ କାର୍ଡ ମଧ୍ୟ ବଣ୍ଟନ କରିଥିଲେ। ଏହି ସ୍ମାର୍ଟ କାର୍ଡ ଲୋକମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ସେହିପରି ଟିକରପଡ଼ା ନଦୀବନ୍ଧଠାରୁ ଗଙ୍ଗୁଆ ନଦୀବନ୍ଧ ବାଇପାସ୍ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩.୮୫ କୋଟି ଟଙ୍କାର ରାସ୍ତାକୁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୋନାଲ ଡେପୁଟି କମିଶନର ମହେନ୍ଦ୍ର କୁମାର ବଡ଼େଇ, ରବିନାରାୟଣ ଜେଠି, ଭୁବନେଶ୍ୱର ବିଡିଓ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ନର୍ମଦା ଚନ୍ଦ୍ରମା ସାହୁ, ସଂଘମିତ୍ରା ପାଳ, ସମିତି ସଭ୍ୟ ଗଜେନ୍ଦ୍ର ବେହେରା, ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ପୂର୍ବତନ କର୍ପୋରେଟର ପ୍ରତାପ ଜେନା, ଅବନୀକାନ୍ତ ପାଟଶାଣି, ନୃପେଶ ନାୟକ, ବନ୍ଦନା ସାହୁ, ଦିଲୀପ ମାଝି, ରୁନୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକ ସଂଖ୍ୟକ ବୌଦ୍ଧିକ ସମ୍ପଦ ସୃଷ୍ଟିକୁ ଗୁରୁତ୍ୱ

## ପରିଚାଳନା ମାର୍ଗଦର୍ଶିକା ଉନ୍ମୋଚିତ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ରାଜ୍ୟରେ ବୌଦ୍ଧିକ ସମ୍ପଦ (ଇଣ୍ଟେଲେକ୍ଚୁଆଲ ପ୍ରପର୍ଟିଜ୍) ସୃଷ୍ଟି ଏବଂ ସମ୍ପୃକ୍ତ ପରିବେଶର ବିକାଶ ନିମନ୍ତେ ବିଜ୍ଞାନ ଓ କାରିଗରୀ ବିଭାଗ ସହାୟତା ଦେଉଛନ୍ତି। ଜନସଚେତନତା ସୃଷ୍ଟି ପାଇଁ ୧୦ ଲକ୍ଷ, ପେଟେଣ୍ଟ ପଞ୍ଜୀକରଣ ପାଇଁ ୪୦ ହଜାର, ଆର୍ଟର୍ନି ଦେୟ ୨୦ ହଜାର, ଜିଆଇ ପଞ୍ଜୀକରଣ ପାଇଁ ୧୦ ହଜାର ଓ ଦକ୍ଷତା ବିକାଶ ତଥା ତାଲିମ କର୍ମଶାଳା ଆୟୋଜନ ପାଇଁ ୬୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି ବୋଲି ବିଭାଗୀୟ ସଚିବ ମନୋଜ କୁମାର ମିଶ୍ର କହିଛନ୍ତି। ମଙ୍ଗଳବାର 'ରାଜ୍ୟରେ ବୌଦ୍ଧିକ ସମ୍ପଦ ପରିବେଶର ପ୍ରୋତ୍ସାହନ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ସଚିବ ମିଶ୍ର ଯୋଗଦେଇ ଏହି ସୂଚନା ଦେବା ସହ ଅଧିକ ସଂଖ୍ୟକ ବୌଦ୍ଧିକ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ବୌଦ୍ଧିକ ସମ୍ପଦ ସୃଷ୍ଟି, ଏହାର ବିକାଶ ଓ ପରିବେଶ ପ୍ରୋତ୍ସାହନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୌଦ୍ଧିକ ସମ୍ପଦ ଅଧିକାର ପରିଚାଳନା (ଇଣ୍ଟେଲେକ୍ଚୁଆଲ ପ୍ରପର୍ଟିଜ୍ ରାଇଟ୍‌ସ ମ୍ୟାନେଜମେଣ୍ଟ) ସମ୍ପର୍କିତ ମାର୍ଗଦର୍ଶିକାର ମୁଦ୍ରିତ ଏବଂ ଡିଜିଟାଲ୍ ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଥିଲା। ରାଜ୍ୟରେ ବୌଦ୍ଧିକ ସମ୍ପଦ ଅଧିକାରର ସ୍ଥିତି ଓ ପରିବେଶ ସମ୍ପର୍କରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଉଦୟନାରାୟଣ ଦାସ, ବୈଷୟିକ ସଂସ୍ଥା ଲେକ୍ସ ପ୍ରୋଟେକ୍ଟରର କାର୍ଯ୍ୟକର୍ତ୍ତା ଅରବିନ୍ଦ ପଣ୍ଡା, ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ (ହେଡ୍‌କ୍ୱାର୍ଟର)ର ନିର୍ଦ୍ଦେଶକ ସୁବୋଧ ସଚନ୍, ଭୁବନେଶ୍ୱର ଏସ୍‌ଟିପିଆଇ ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭରସିଟି କୁଳପତି ପି.ପି. ମାଥୁର ପ୍ରମୁଖ ବୌଦ୍ଧିକ ସମ୍ପଦ ଅଧିକାର, କପି ରାଇଟ୍, ଶିଳ୍ପ ରୂପରେଖ ପ୍ରଭୃତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ଗବେଷକ, ଶିଳ୍ପ ଏବଂ ଷ୍ଟାର୍ଟଅପ୍ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କିରଣ



@ ବିଜୟ



@ ଗୀତା



@ ସୋନମ



@ ଟିଙ୍କୁ



@ ଆଶୁତୋଷ

# 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ଉନ୍ମୋଚିତ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଯୁବ ସ୍ତମ୍ଭକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଲେଖିକାଙ୍କର ଏହା ପ୍ରଥମ ପୁସ୍ତକ ହୋଇଥିବାରୁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିବା ସହିତ ଆଗକୁ ଅଧିକ ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲେ। ଏଥିସହ ଲେଖିକା ଓଡ଼ିଶାର ମହିଳା ଓ ଶିଶୁମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଥିବା ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ପୁସ୍ତକରେ ମୋଟ ୪୦ଟି ଆଲେଖ୍ୟ ରହିଛି। ଏ ସମସ୍ତ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ରାଜଭବନ ପରିସରରେ ନିରାଡ଼ମ୍ବର ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଖିକା ଧଳଙ୍କ ସହିତ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ଧଳ, ପୁତ୍ର ଶିବମ୍, ମା' ନମିତା ପଟ୍ଟନାୟକ ଏବଂ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରୁଛନ୍ତି।



ରାଜ୍ୟରେ ହତ୍ୟାକାଣ୍ଡ, ଶିଶୁ ଚୋରି ଏବଂ ଅଙ୍ଗ ଚୋରା ଚାଲାଣ ଘଟଣାରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ୨୧ ପରିବାରର ସଦସ୍ୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି କିମ୍ବା ସିବିଆଇ ତଦନ୍ତ ଦାବିରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।



ସ୍ତମ୍ଭକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ'କୁ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଜୀବନ ବଞ୍ଚାଇଲେ ଏନ୍‌ଡିଆର୍‌ଏଫ୍ ଅଧିକାରୀ

**ବାରଙ୍ଗ,୧୪।୧୨(ଡି.ଏନ୍.ଏ.):** ନରାଜ ପାଖ ସିଡିଏ ମୁଖ୍ୟ ରାସ୍ତାକଡରେ ଜଣେ ଯୁବକଙ୍କୁ କେହି ଧକ୍କାଦେଇ ପଳାଇଯାଇଥିବାବେଳେ ଚେତାଶୂନ୍ୟ ହରାଇ ପଡ଼ିଥିଲେ। ଏହି ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରୁଥିଲେ ହେଁ କେହି ରହି ନ ଥିଲେ। କିନ୍ତୁ ଏହି ବାଟଦେଇ ନିଜର ଡ୍ୟୁଟିକୁ ଏକ କାର୍ ଯୋଗେ ଏନ୍‌ଡିଆରଏଫ ୩ୟ ବାଟାଲିୟନର ସବଇନ୍ସପେକ୍ଟର ଅଶୋକ କୁମାର ମୁଣ୍ଡଳି ଆସୁଥିଲେ। ରାସ୍ତାକଡରେ ଅଚେତ ହୋଇପଡିଥିବା ଏହି ଯୁବକଙ୍କୁ ଦେଖି ନିଜ କାର୍‌ରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇ ଆସିଥିଲେ। ଆହତ ଯୁବକର ଚେତା ଫେରିବାପରେ ସେ କଟକ ମଙ୍ଗଳାବାଗ ଅଞ୍ଚଳର ଜ୍ୟୋତି ପ୍ରକାଶ ନାୟକ ବୋଲି ଜଣାପଡିଥିଲା। ଖବରପାଇ ପରିବାର କଲୋକ ଆସି ତାଙ୍କୁ ଡାକ୍ତରଖାନାରୁ ନେବାପରେ ଅଶୋକ ନିଜ ଡ୍ୟୁଟିକୁ ଫେରିଥିଲେ। ଅଶୋକଙ୍କ ଏହି ମାନବିକତା ପାଇଁ ଜଣେ ଯୁବକର ଜୀବନ ବଞ୍ଚିଯାଇଥିବାରୁ ସମସ୍ତେ ତାଙ୍କୁ ସାବାସୀ ଦେଇଥିଲେ।

### ମଧୁଲିତା ପତ୍ରିକାର ବାର୍ଷିକୋତ୍ସବ
### ଶିକ୍ଷା ସମୃଦ୍ଧିଶାଳୀ ହେଲେ ପତ୍ରପତ୍ରିକା ପ୍ରସାର ଘଟିବ

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ):** ଶିକ୍ଷାର ସମୃଦ୍ଧି ଓ ସଂସ୍କୃତିର ବିକାଶ ବର୍ତ୍ତମାନ ଏକ ସୁସ୍ଥ ସମାଜ ଗଠନ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ପତ୍ରପତ୍ରିକା ପ୍ରସାର ଘଟିବା ଓ ବିକ୍ରି ହେବା ପାଇଁ ଶିକ୍ଷା ଆହୁରି ସମୃଦ୍ଧିଶାଳୀ ଓ ପ୍ରଭାବଶାଳୀ ହେବାର ଆବଶ୍ୟକତା ରହିଛି ବୋଲି ମଧୁଲିତା ପତ୍ରିକାର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଛନ୍ତି। ଜାତୀୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ମହିଳା ଅଧିକାର ଅଭିଯାନ ସଭାନେତ୍ରୀ ନମ୍ରତା ଚଢା ଯୋଗଦେଇ କହିଲେ, ମଧୁଲିତା ସାହିତ୍ୟ ପତ୍ରିକା ଏକ ସାମାଜିକ ଆନ୍ଦୋଳନ। ଇଷ୍ଟକୋଷ୍ଟ ରେଲ୍‌ୱେର ବରିଷ୍ଠ ଅଧିକାରୀ ନିରାକାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଧାପିକା ଝାନ୍‌ସୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ପୁରୁଷ ଜାତି, ଅଜାତି ବର୍ଣ୍ଣବୈଷମ୍ୟ ଭେଦଭାବ ନ ରଖି ସବୁରି ଉପରେ ମଣିଷ ହିଁ ଶ୍ରେଷ୍ଠ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ସାହିତ୍ୟିକା ବନ୍ଦନା ପଣ୍ଡା, ଜାତୀୟ ଅଭିଲେଖାଗାର ମୁଖ୍ୟ ଡ. ଏସ୍. ଏନ୍. ମିଶ୍ର, ସାମାଜିକକର୍ମୀ ଅମୀୟବାଳା ପରିଡ଼ା, କବି ପ୍ରବାସିନୀ ମହାକୁଡ ପ୍ରମୁଖ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସାମାଜିକକର୍ମୀ ପ୍ରତିଛନ୍ଦା ଧଳ ସ୍ୱାଗତ ଭାଷଣ ଓ ସାହିତ୍ୟିକା ମଧୁଲିତା ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପତ୍ରିକାର ୧୫ତମ ଜନ୍ମ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଶେଷରେ ଦିପ୍ତି ରାଉତ ଧନ୍ୟବାଦ ଦେଇଥିଲେ।

### ଗୋଟିଏ ରାତିରେ ୫ ଦୋକାନରୁ ଚୋରି

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ):** କିଛି ଦିନର ନୀରବତା ପରେ ରାଜଧାନୀରେ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଗତ ୪ ତାରିଖ ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଡେଲ୍‌ଟା ଛକରେ ଥିବା ଲକ୍ଷ୍ମୀନାରାୟଣ ଜୁଏଲର୍ସର ଶଟର କାଟି ଦୁର୍ବୃତ୍ତମାନେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି କରିନେଇଥିଲେ। ଉକ୍ତ ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏପରି ସ୍ଥିତିରେ ସୋମବାର ବିଳମ୍ବିତ ରାତିରେ ଶହୀଦନଗର ଥାନା ଅଞ୍ଚଳରେ ୫ଟି ଦୋକାନରୁ ଚୋରି ହୋଇଛି। ପୋଷ୍ଟ ଅଫିସ୍ ଲେନ୍‌ରେ ଥିବା ୩ଟି ଏବଂ ବିଷ୍ଣୁ ମନ୍ଦିର ପାଖରେ ଥିବା ୨ଟି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଚୋରି କରିନେଇଛନ୍ତି।

# ରାଜଧାନୀରେ ଡିଜେ, ବାଣ ନିଷେଧ କଡ଼ାକଡ଼ି

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

- କମିଶନରେଟ ପୋଲିସ ପକ୍ଷରୁ କଟକଣା
- ଅଭିଯୋଗ ପାଇଁ ଜାରି ହେଲା ଫୋନ୍ ନମ୍ବର

ଏବେ ବାହାଘର ଋତୁ ଚାଲିଛି। ପ୍ରତିଦିନ ରାଜଧାନୀର ବିଭିନ୍ନ ମଣ୍ଡପରେ ବାହାଘର ହେଉଛି। ବିବାହ ଶୋଭାଯାତ୍ରା କିମ୍ବା କୌଣସି ରାଲିରେ ଡିଜେ ଓ ବାଣ ଫୁଟେଇବା ଉପରେ ପୂର୍ବରୁ ରୋକ୍ ଲଗାଯାଇଥିଲେ ସୁଦ୍ଧା ଏହାକୁ କେହି ମାନୁ ନାହାନ୍ତି। ଅପରପକ୍ଷରେ କୋଭିଡ୍ ପାଇଁ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଲଗାଯାଇଥିଲେ ସୁଦ୍ଧା ବାହାଘର ଶୋଭାଯାତ୍ରାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡିଜେ ବାଜିବା ସହ ବାଣ ଫୁଟାଯାଉଛି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ କମିଶନରେଟ ପୋଲିସ ପ୍ରସ୍ତୁତ ହୋଇଛି। ଡିଜେ ଓ ବାଣ ଫୁଟାଇବା ନିଷେଧ ନିୟମକୁ ନ ମାନିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଙ୍ଗଳବାର ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଅଭିଯୋଗ କରିବାକୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଏକ ହେଲ୍ପଲାଇନ୍ '୦୬୭୪-୨୫୪୦୨୯୪' ନମ୍ବର ଜାରି କରାଯାଇଛି। ଏହି ନମ୍ବରକୁ ସକାଳ ୮ ଟାରୁ ରାତି ୧୦ ମଧ୍ୟରେ କଲ୍ କରି ଜଣାଇପାରିବେ ବୋଲି ଦାଶ କହିଛନ୍ତି।

ବିଭିନ୍ନ ସମୟରେ ରାସ୍ତା ଓ ଗଳିକନ୍ଦିରେ ବାହାଘର ଶୋଭାଯାତ୍ରାରେ ଆବଶ୍ୟକଠାରୁ ଅଧିକ ଶବ୍ଦରେ ଗୀତ ବାଜୁଛି। ଏମିତିକି ବାଣ ଫୁଟିବା ଦ୍ୱାରା ଶବ୍ଦ ପ୍ରଦୂଷଣ ହେବା ସହ ସାଧାରଣ ଲୋକଙ୍କ ଉପରେ ଖରାପ ପ୍ରଭାବ ପକାଉଛି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱର ଡିସିପି ଅଫିସ୍ ପକ୍ଷରୁ ଜାରି ହୋଇଥିବା ଲାଇସେନ୍ସ ଅନୁଯାୟୀ, ବିବାହ ଶୋଭାଯାତ୍ରା ସମୟରେ କୌଣସି ଡିଜେ ଏବଂ ବାଣ ବା ଆତସବାଜିକୁ ଅନୁମତି ଦିଆଯାଇନାହିଁ। ତେଣୁ ସମସ୍ତ ଜନସାଧାରଣଙ୍କୁ ଏହି ନିୟମ ଉଲ୍ଲଂଘନ ନ କରିବାକୁ କମିଶନରେଟ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।

## ଖାଦ୍ୟରୁ ବାହାରିଲା ପୋକ: ପର୍ଯ୍ୟଟକ ଅସନ୍ତୁଷ୍ଟ

**ବାରଙ୍ଗ,୧୪।୧୨(ଡି.ଏନ୍.ଏ.)**

ନନ୍ଦନକାନନର ନୂତନ ସଫାରି ବସ୍ ରହଣିସ୍ଥଳରେ ଥିବା ଭୋଜନାଳୟରେ ଏକ ପେଟିସ୍‌ରୁ ପୋକ ବାହାରିବାକୁ ନେଇ ମଙ୍ଗଳବାର ପର୍ଯ୍ୟଟକମାନେ ହୋହଲ୍ଲା କରିଛନ୍ତି। ଅପରାହ୍ନରେ କେତେଜଣ ବଙ୍ଗୀୟ ପର୍ଯ୍ୟଟକ ସପରିବାର ନନ୍ଦନକାନନ ବୁଲିବା ପରେ ଏହି ଭୋଜନାଳୟକୁ ଆସି ଖାଇଥିଲେ। ଖାଇବାବେଳେ ପେଟିସରୁ ପୋକ ବାହାରିବାକୁ ନେଇ ଭୋଜନାଳୟର କର୍ମଚାରୀଙ୍କୁ କହିଥିଲେ। ହେଲେ କର୍ମଚାରୀ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ସେମାନେ ହୋହଲ୍ଲା କରିଥିଲେ। ଏପରିକି ଖାଦ୍ୟର ଟଙ୍କା ଫେରାଇବାକୁ ପର୍ଯ୍ୟଟକମାନେ ଜିଦ୍ ଧରିଥିଲେ। ସଫାରି କର୍ମଚାରୀମାନେ ବୁଝାଶୁଝା କରିବା ପରେ ପର୍ଯ୍ୟଟକମାନେ ନନ୍ଦନକାନନ କାର୍ଯ୍ୟାଳୟରେ ଅଭିଯୋଗ କରି ଫେରିଥିଲେ। ତେବେ ନନ୍ଦନକାନନରେ ଥିବା ୩ଟି ରେଷ୍ଟୁରାଣ୍ଟକୁ ଓଡ଼ିଶା ଟୁରିଜମ ଡେଭଲପମେଣ୍ଟକୁ ପରିଚାଳନା କରିବା ପାଇଁ ଦିଆଯାଇଛି। କିନ୍ତୁ କେଉଁଭଳି ଖାଦ୍ୟ ପ୍ରଦାନ କରାଯାଉଛି, ତାର ମାନ କେହି ତଦାରଖ କରୁ ନ ଥିବାରୁ ପର୍ଯ୍ୟଟକମାନେ ଏହିଭଳି ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଓଟିଡିସି ମ୍ୟାନେଜର ଦିଲୀପ କୁମାର କହିଛନ୍ତି, ଘଟଣା ବିଷୟରେ ଜାଣିନି। ଦୋଷା, ଦହିବରା ଖୋଲାରେ କରାଯାଉଥିବାରୁ ସେଥିରୁ ପୋକ ବାହାରିବାର ସମ୍ଭାବନା ରହିଛି କିନ୍ତୁ ପେଟିସରୁ ହୋଇ ନ ଥିବ। ତଥାପି ଏ ବିଷୟରେ ତଦନ୍ତ କରାଯିବ ବୋଲି କହିଥିଲେ।

## ବିଏମ୍‌ସି ଅଫିସ୍ ଘେରିଲେ ଉଠାଦୋକାନୀ

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)**

**ଦୋକାନ ଭଙ୍ଗା ବନ୍ଦ ସହ ଥଇଥାନ ଦାବି**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦୋକାନ ଭଙ୍ଗା ବନ୍ଦ ଓ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାର୍ଲାମେଣ୍ଟ ଉଠାଦୋକାନୀଙ୍କ ଥଇଥାନ ଆଇନ ପାଶ୍ କରିଛି ଏବଂ ବିଏମ୍‌ସି ସର୍ଭେ କରି ଉଠାଦୋକାନୀମାନଙ୍କୁ କୁପନ ପ୍ରଦାନ କରିଛନ୍ତି। ଓଡ଼ିଶା ହାଇକୋର୍ଟ ମଧ୍ୟ ସେମାନଙ୍କୁ ସ୍ଥାୟୀ ଦୋକାନ ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଏମ୍‌ସି ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ତାହା ପାଳନ ନ କରି ଦୋକାନ ଭଙ୍ଗା ଅଭିଯାନ ଚଳାଉଛନ୍ତି। ସେହିପରି ଉଠାଦୋକାନୀଙ୍କୁ ଥଇଥାନ ନ କରି ବଡ଼ବଡ଼ିଆଙ୍କୁ ଭେଣ୍ଡିଂ ଜୋନ୍‌ରେ ସ୍ଥାୟୀ ଦୋକାନ ଘର ଦେଉଛନ୍ତି ବୋଲି ସଂଘର ସଭାପତି ସୁର ଜେନା ଅଭିଯୋଗ କରିଛନ୍ତି।

ଏଆଇଟିୟୁସି ସହ ଅନୁବନ୍ଧିତ ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀମାନେ ବିଏମ୍‌ସି ଅଫିସ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସଭାପତି ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଏମ୍‌ସି ଡେପୁଟି କମିଶନରଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଡେପୁଟି କମିଶନର ଆସନ୍ତା ୫ଦିନ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଡାକି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆନ୍ଦୋଳନରେ ସଂଘ ସମ୍ପାଦକ କୈଳାସ ପୁହାଣ, ରମେଶ ରାଉତ, ବଟକୃଷ୍ଣ ସାହୁ, ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ସାମିଲ ଥିଲେ।



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦୋକାନ ଭଙ୍ଗା ବନ୍ଦ ଓ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଉଛି।

## ନୀଳମଣି ବିଦ୍ୟାରତ୍ନ ସାମ୍ବାଦିକତାକୁ ନୂଆ ଦିଗ ଦେଇଥିଲେ

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)**

ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାନ୍ ନାୟକ। ବୈଦେଶ୍ୱର ମାଟିର ଏହି ପ୍ରଜ୍ଞା ବ୍ୟକ୍ତିତ୍ୱ ବହୁ ଜନହିତୈଷୀ କାର୍ଯ୍ୟ କରିବା ସହିତ ସାମ୍ବାଦିକତାକୁ ଏକ ନୂଆ ଦିଗ ଦେଇଥିଲେ ବୋଲି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି। ମଙ୍ଗଳବାର ଏହି ଅଭିଯାନ ପକ୍ଷରୁ ଜୟଦେବବିହାର ନିକଟ ପ୍ରତିମୂର୍ତ୍ତି ସ୍ଥଳଠାରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୫ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ-ବୈଦେଶ୍ୱର ସେତୁକୁ 'ବିଦ୍ୟାରତ୍ନ ସେତୁ' ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ସାହିତ୍ୟିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କୁ 'ବିଦ୍ୟାରତ୍ନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରମେଶ ଚନ୍ଦ୍ର ପାତାଳସିଂହ, ଅସିତ୍ ଦାସ, ବି. ମୁରଲୀଧର ପ୍ରମୁଖ ଯୋଗଦେଇଥିଲେ। ବ୍ରଜବନ୍ଧୁ ପରିଡ଼ା ଧନ୍ୟବାଦ ଦେଇଥିଲେ।

## 'ହୃଦ୍‌ରୋଗ ଲକ୍ଷଣ ଠିକ୍ ସମୟରେ ଚିହ୍ନଟ ଜରୁରୀ'

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ଆଇସ୍କାଏମିକ୍ ହୃଦ୍‌ରୋଗ ଓ ଆରିଦ୍ମିକ୍ ହୃଦ୍‌ରୋଗ ଭଳି କାର୍ଡିଓଭାସ୍କୁଲାର୍ ବା ହୃଦ୍‌ରୋଗଗୁଡ଼ିକ ହେଉଛି ବିଶ୍ୱବ୍ୟାପୀ ମୃତ୍ୟୁର ପ୍ରମୁଖ କାରଣ। ୨୦୧୯ରେ ପ୍ରାୟ ୧୭.୯ ମିଲିୟନ ଲୋକଙ୍କର ହୃଦ୍‌ରୋଗ ସମ୍ବନ୍ଧିତ ଜଟିଳତା କାରଣରୁ ମୃତ୍ୟୁ ଘଟିଥିଲା, ଯାହାକି ବିଶ୍ୱବ୍ୟାପୀ ମୋଟ ମୃତ୍ୟୁସଂଖ୍ୟାର ୩୨% ଥିଲା। ଏଭଳି ରୋଗର ଲକ୍ଷଣଗୁଡ଼ିକ ମଧ୍ୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା, ବେହୋସ ହେବା, ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ଆଦି ସାମିଲ ରହିଛି। ଯେତେ ଶୀଘ୍ର ସମ୍ଭବ ହୃଦ୍‌ରୋଗଗୁଡ଼ିକୁ ଜାଣିବା ଓ ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହାଫଳରେ ଔଷଧ ସହ ପରାମର୍ଶ ମାଧ୍ୟମରେ ଚିକିତ୍ସା ପରିଚାଳନାକୁ ଠିକ୍ ସମୟରେ ଆରମ୍ଭ କରାଯାଇପାରିବ ବୋଲି କଟକ ଏସ୍‌ସିବି ମେଡିକାଲ କଲେଜର ଡିଏମ୍ (କାର୍ଡିଓଲୋଜି) ଓ କନ୍‌ସଲ୍‌ଟାଣ୍ଟ କାର୍ଡିଓଲୋଜିଷ୍ଟ ଡାକ୍ତର ପ୍ରିୟରଞ୍ଜନ ପରିଡ଼ା କହିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱାସ୍ଥ୍ୟ ସମ୍ମିଳନୀରେ ଯୋଗଦେଇ ଡା. ପରିଡ଼ା କହିଛନ୍ତି, ଆଇସ୍କାଏମିକ୍ ହୃଦ୍‌ରୋଗର ଅନ୍ୟତମ ସାଧାରଣ ଲକ୍ଷଣ ହେଉଛି ଛାତିରେ ଯନ୍ତ୍ରଣା ହେବା। ଏଥିରେ ଜ୍ୱଳନ ଅନୁଭବ ଓ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ଅତ୍ୟଧିକ ଝାଳ ବୋହିବା ସହିତ ଏହି ଯନ୍ତ୍ରଣା ସାଧାରଣତଃ ବାମ କାନ୍ଧ କିମ୍ବା ବେକର ବାମ ପାର୍ଶ୍ୱକୁ କିମ୍ବା ତଳ ପାଟିର ହାଡ଼କୁ ବିକିରିତ ହୋଇଥାଏ। ଯଦି ଚିକିତ୍ସା କରା ନ ଯାଏ ତେବେ ଏହି ଯନ୍ତ୍ରଣା ଅଧିକ ଖରାପ ସ୍ଥିତିକୁ ଯାଇଥାଏ। ସେହିପରି ଆରିଦ୍ମିକ୍ ହୃଦ୍‌ରୋଗରେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହେବା ସହିତ ମନ୍ଥର ହୃଦ୍‌ସ୍ପନ୍ଦନ, ହାଲୁକା ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ବେହୋସ ହେବା କିମ୍ବା ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। ବେଳେ ବେଳେ ଜନ୍ମଗତ ହୃଦ୍ ସମସ୍ୟାଗୁଡ଼ିକ ଲକ୍ଷଣବିହୀନ ହୋଇଥାନ୍ତି ଏବଂ ତାହାକୁ ଇକୋକାର୍ଡିଓଗ୍ରାଫି ଦ୍ୱାରା ଚିହ୍ନଟ କରାଯାଇଥାଏ ବୋଲି ଡା. ପରିଡ଼ା କହିଛନ୍ତି।

## ପ୍ରଶାନ୍ତି ବିହାର ବାସିନ୍ଦା ଦେଲେ ବିଧାୟକଙ୍କୁ ଦାବିପତ୍ର

**ଭୁବନେଶ୍ୱର,୧୪।୧୨**

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ପ୍ରଶାନ୍ତି ବିହାର ବିକାଶ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ମିହିର କୁମାର ରାଉତ, ୨ନଂ ୱାର୍ଡର ପୂର୍ବତନ କର୍ପୋରେଟର ହରିଶ ଚନ୍ଦ୍ର ମୁର୍ମୁ, ରାଜ୍ୟ ବରିଷ୍ଠ ନାଗରିକ ସଂଘର ସଭାପତି ମଧୁମାଧବ ଜେନା ପ୍ରମୁଖ ଯୋଗଦେଇଥିଲେ। ସମିତିର ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଭାପତି ଅରୁଣ କୁମାର ବେହେରା କହିଥିଲେ ୧୯୯୮ରୁ ହାଉସିଂ ବୋର୍ଡ ପକ୍ଷରୁ ବାସିନ୍ଦାଙ୍କୁ ଘର ମିଳିଥିଲେ ବି ପଞ୍ଜୀକରଣ ହୋଇପାରୁ ନ ଥିଲା, ଯେଉଁଥିପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଥିଲା। ଏବେ ଏହି ସମସ୍ୟା ଦୂର ହୋଇଥିବାରୁ ବିଧାୟକଙ୍କୁ ସେ ଧନ୍ୟବାଦ ଦେଇଥିଲେ। ସମିତିର ସାଧାରଣ ସମ୍ପାଦକ ଅନୁକୂଳ ପ୍ରସାଦ ପ୍ରହରାଜ ବିଧାୟକଙ୍କୁ କଲୋନିର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। କଲୋନିରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସାରିବା, ୱାର୍ଡରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୁଲଭ ଶୌଚାଳୟ, କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ସମିତିର ସଭ୍ୟମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ସେହିପରି ବିଧାୟକ ରାଉତ ସମସ୍ତ ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଜାଗା ଚିହ୍ନଟ ହେବା ପରେ ଶୌଚାଳୟ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଅନୁଦାନ ଯୋଗାଇଦେବେ ବୋଲି ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଡିସିପି ଅଫିସ ସମ୍ମୁଖରେ ଜିଲା କଂଗ୍ରେସର ଧାରଣା

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

**କଂଗ୍ରେସ ଭବନରେ ପଶି ପୋଲିସର ମାଡ଼ ଘଟଣା**

- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡିସିପିଙ୍କୁ ୪ ଦଫା ଦାବିପତ୍ର
- ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ

ମମିତା ମେହେର ହତ୍ୟାଘଟଣାର ସିବିଆଇ ତଦନ୍ତ ଏବଂ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଶୁକ୍ରବାର ବିଧାନସଭା ଘେରାଉ ସମୟରେ ଆନ୍ଦୋଳନରତ ଛାତ୍ରକଂଗ୍ରେସ କର୍ମୀଙ୍କୁ କଂଗ୍ରେସ ଭବନ ପରିସରରେ ପୋଲିସର ଆକ୍ରମଣକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ଏହି ପରିପେକ୍ଷୀରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଡିସିପି ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯାଇଛି। ଶତାଧିକ କଂଗ୍ରେସ କର୍ମୀ ସକାଳ ୯ଟାରୁ ମଧ୍ୟାହ୍ନ ୧ଟାଏ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏହି ସମୟରେ କର୍ମୀମାନେ ଡିସିପି ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ଫୋର୍ସ ସେମାନଙ୍କୁ ଅଟକାଇଥିଲା। ପରେ ଜିଲା କଂଗ୍ରେସର ଏକ ୧୧ଜଣିଆ ପ୍ରତିନିଧି ଦଳ ଡିସିପି ଉମାଶଙ୍କର ଦାସଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୪ଦଫା ଦାବିପତ୍ର ପ୍ରଦାନ କରିଥିଲା। ଦାବିଗୁଡ଼ିକ ହେଲା ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ମମିତା ହତ୍ୟାକାଣ୍ଡର ଏସ୍‌ଆଇଟି ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ସହ ଗିରଫ, କଂଗ୍ରେସ ଭବନରେ କର୍ମୀଙ୍କୁ ପୋଲିସ ଆକ୍ରମଣର ବିଚାର ବିଭାଗୀୟ ତଦନ୍ତ ଏବଂ ଆନ୍ଦୋଳନ ସମୟରେ କାର୍ଯ୍ୟରତ ପୋଲିସ ଅଫିସରମାନଙ୍କ ଇଚ୍ଛାକୃତ ଅବହେଳା ପାଇଁ ସେମାନଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଧାରଣାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଉପସଭାପତି ଶିବାନନ୍ଦ ରାୟ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ୍, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମମିତା ମେହେର ହତ୍ୟା ଘଟଣାର ପ୍ରତିବାଦ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ମାମଲାର ହାଇକୋର୍ଟର ସିଟିଂ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିରେ ଶୁକ୍ରବାର ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯାଇଥିଲା। ଏହି ସମୟରେ ପୋଲିସ ଅଟକାଇବାରୁ ଉତ୍କ୍ଷିପ୍ତ ଆନ୍ଦୋଳନକାରୀ ପୋଲିସ ଭ୍ୟାନ୍‌ରେ ନିଆଁ ଲଗାଇଥିଲେ। ଫଳରେ ପୋଲିସ ଆନ୍ଦୋଳନକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଲାଠି ମାଡ଼ କରିଥିଲା। ଏପରି କି ପୋଲିସ କଂଗ୍ରେସ ଭବନରେ ପଶି ଛାତ୍ର କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା କଂଗ୍ରେସ ଅଭିଯୋଗ କରିଥିଲା।


ଭୁବନେଶ୍ୱର କଂଗ୍ରେସ ଭବନରେ କର୍ମୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ମଙ୍ଗଳବାର ପୁରୀ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କଟକ ଏସ୍‌ପି ଅଫିସ ସମ୍ମୁଖରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟ ଭିତରକୁ ମଙ୍ଗଳବାର ଛାତ୍ର କଂଗ୍ରେସ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ଅଟକାଉଛି ।

**ଅସ୍ଥାୟୀ ଭାବେ ନାମ ଲେଖାଇବାକୁ ଅଭିଭାବକଙ୍କ ଦାବି**

କଣାସ (ସ୍ୱ.ପ୍ର.)- କଣାସ ବ୍ଲକର ଗଡ଼ିଶାଗୋଦାରେ ଦୀର୍ଘଦିନ ହେବ ଆର୍ଦଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ଫଳରେ ଆସନ୍ତାବର୍ଷ(୨୦୨୨-୨୩) ପାଇଁ ଏହି ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ନାମ ଲେଖାଇବାକୁ ନେଇ ଅଭିଭାବକମାନେ ଆଶା ଆଶଙ୍କାରେ ରହିଛନ୍ତି। କାର୍ଯ୍ୟ ବିଳମ୍ବକୁ ନେଇ କେତେଜଣ ଅଭିଭାବକ ଅସନ୍ତୋଷ ପ୍ରକାଶ କରି ବିଧାୟକ ଉମାକାନ୍ତ ସାମନ୍ତରରାୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ଓ ଗଡ଼ିଶାଗୋଦାରେ ଅସ୍ଥାୟୀଭାବେ ୨୦୨୨-୨୩ ଶିକ୍ଷା ବର୍ଷର ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ପାଇଁ ଅଭିଭାବକ ଦିଲୀପ ଶ୍ରୀଚନ୍ଦନ, ବିଭୂଦୀପ୍ତି ଦାଶ, କାହ୍ନୁଚରଣ ଚମ୍ପତି, ରାହୁଲ ବାରିକ, ଅର୍ଚ୍ଚିତା ଶ୍ରୀଚନ୍ଦନ, ଦିନବନ୍ଧୁ ନାୟକ, ପ୍ରଦୀପ୍ତ ଦାଶ ପ୍ରମୁଖ ବିଧାୟକଙ୍କୁ ଭେଟି ସମସ୍ୟା ଜଣାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆଜି କ'ଣ କେଉଁଠି

ପୁରୀ

- ଏନ୍‌ସିସି ପୁନିତ ସାଗର ଅଭିଯାନ, ସ୍ୱର୍ଗଦ୍ୱାରଠାରୁ ଲାଇଟ୍ ହାଉସ ବେଳାଭୂମି, ସକାଳ ୯ଟା ।
- ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ, ଶ୍ରୀ ଗୌରବିହାର ଆଶ୍ରମ (ମାତା ମଠ), ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ୧୬ରୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ

କଟକ ଅଫିସ,୧୪।୧୨: ଆସନ୍ତା ୧୬, ୧୭ ଓ ୧୮ ତାରିଖରେ ଭିଡିଓ କନଫରେନ୍ସ ମାଧମରେ ୬୩ ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ ଅନୁଷ୍ଠିତ ହେବ। ୧୮ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭାଷଣ ଦେବା କାର୍ଯ୍ୟକ୍ରମ ରହିଛି। ଏନେଇ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଭର୍ଚୁଆଲରେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

#### ଭାଗନେବେ ପିପିଲିର ୩ ପ୍ରତିଯୋଗୀ

ପିପିଲି,୧୪।୧୨(ସ୍ୱ.ପ୍ର.)- ଡିସେମ୍ବର ୨୨ ରୁ ୨୭ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ପ୍ରଥମ ଗ୍ଲୋବାଲ ଭର୍ଚୁଆଲ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାରତ ସହ ୧୪ଟି ଦେଶର ପ୍ରତିଯୋଗୀମାନେ ଭାଗ ନେଉଛନ୍ତି। ଏଥିପାଇଁ ପ୍ରତ୍ୟେକ ଦେଶ ତଥା ରାଜ୍ୟର ଏକାଡେମୀର ଟାଏକୋଣ୍ଡୋ ଛାତ୍ରୀଛାତ୍ରଙ୍କୁ ଗତ ୧୦ତାରିଖରୁ ଆବେଦନ କରିବାକୁ ଥିବାବେଳେ ୧୭ତାରିଖ ଆବେଦନର ଶେଷ ତାରିଖ ରହିଥିବା ରାଜ୍ୟ ଟାଏକୋଣ୍ଡୋ ଏକାଡେମୀର ସାଧାରଣ ସମ୍ପାଦକ ମନମୋହନ କହିଛନ୍ତି। ଏହି ପ୍ରତିଯୋଗିତାରେ ଟାଏକୋଣ୍ଡୋର ପୁମ୍ସି ଓ ସ୍ପିଡ୍ କିକିଙ୍ଗ୍ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ଥିବାବେଳେ ପୁମ୍ସିର ରେଫରି ଭାବେ ଭାରତରୁ ଅଞ୍ଜିଲା ନାୟକ, ମଙ୍ଗୋଲିଆରୁ ଲକ୍ ଗଭଦୋର୍ଜ ଦୁଗିରୀ, ହଂକଂରୁ ଜୋଏ ଉଙ୍ଗ୍, ଦକ୍ଷିଣ କୋରିଆରୁ ଗ୍ୟୁ ରିନ୍ କିମ୍, ସିଙ୍ଗାପୁରରୁ ଡରୀନ୍ ଲି ପ୍ରମୁଖ ଯୋଗଦେବେ। ସ୍ପିଡ୍ କିକିଙ୍ଗ୍‌ରେ ଥାଇଲାଣ୍ଡରୁ ନନ୍ ତାୱାଟ୍ ଅମରକୁଲ, ଇଣ୍ଡୋନେସିଆରୁ ସନି ହର୍ସନ, ମାଲେସିଆରୁ ଜୁଡି ଲେ ପ୍ରମୁଖ ରେଫରି ଭାବେ ଯୋଗଦେବେ। ରାଜ୍ୟର ବିଭିନ୍ନ ଏକାଡେମୀରୁ ଏଯାଏ ୭୮୦ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତା ପାଇଁ ଅଂଶଗ୍ରହଣ କରିଥିବା ବେଳେ ପିପିଲି ଟାଏକୋଣ୍ଡୋ ଏକାଡେମୀରୁ ପୁମ୍ସି ପ୍ରତିଯୋଗୀ ଭାବେ ୩ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବେ। ସେମାନେ ହେଲେ ଶୁଭଶ୍ରୀ ଶୁଭସ୍ମିତା ମହାନ୍ତି, ତୁଳସୀ ଟୁଡୁ ଓ ତୃପ୍ତି ପ୍ରିୟଦର୍ଶିନୀ ସାହୁ। ଏହି ୩ଜଣ ପ୍ରତିଯୋଗୀଙ୍କୁ ପିପିଲିର ଡା.ଅମିତ୍ ମହାନ୍ତି ଓ ସତ୍ୟ ସଦନ ଦାସ ପ୍ରମୁଖ ସହଯୋଗ କରିଥିବା ପିପିଲି ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ନୃସିଂହ ସିଂ କହିଛନ୍ତି। ପିପିଲି ପାଇଁ ଏମାନେ ଗୌରବ ଆଣିବେ ବୋଲି ପୁରାତନ ପ୍ରଶିକ୍ଷକ ମନୋରଞ୍ଜନ ମହାପାତ୍ର ଓ ବୁଦ୍ଧିଜୀବୀ ଆଶା ପ୍ରକଟ କରିଛନ୍ତି।

### ଶହୀଦ ଯବାନଙ୍କ ପାଇଁ ଦୀପଦାନ

ସାକ୍ଷୀଗୋପାଳ,୧୪।୧୨(ଡି.ଏନ୍.ଏ)- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସ୍ଥାନୀୟ ଅଳଗୁମ ଜାଗେଶ୍ୱରୀ ଦେବୀଙ୍କ ମନ୍ଦିରରେ ହେଲିକପ୍ଟର ଦୁର୍ଘଟଣାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଦୁର୍ଘଟଣାରେ ଗୁରୁତରଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ସିଡିଏସ୍ ବିପିନ ରାୱତ୍‌ଙ୍କ ସମେତ ଶହୀଦ ଯବାନଙ୍କ ପାଇଁ ମନ୍ଦିରରେ ଦୀପଦାନ କରାଯାଇଛି। ତ୍ରିପୁପତି ଜେନାଙ୍କ ସହଯୋଗରେ ଆକାଶ ପ୍ରଧାନ, ନବ କିଶୋର ଭାରତୀ, ବିଶ୍ୱରଞ୍ଜନ ମହାରଣା, ସୁରେନ୍ଦ୍ର ଜେନା, ରବୀନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ, ସୁଜିତ ଚନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ପଣ୍ଡା, ରେକୃଷ୍ଣ ଜେନା, ପଞ୍ଚାନନ ବିଶ୍ୱାଳ, ସବିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଜେକୁ ନେଇ ପୋଲିସ-ମାଲିକଙ୍କ ଆଲୋଚନା

ପୁରୀ ଅଫିସ,୧୪।୧୨

ବିବାହ ସମୟରେ ନିୟମ ଉଲ୍ଲଂଘନ ହେଉଛି। ଶୋଭାଯାତ୍ରାରେ ବହୁ ଶବ୍ଦ କରି ଡିଜେ ଏବଂ ବାଣ ଫୁଟାଯାଉଛି। ଫଳରେ ବୟସ୍କ ଏବଂ ପିଲାମାନେ ଅସୁବିଧାର ଶିକାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ଏଭଳି ଶବ୍ଦ ପ୍ରଦୂଷଣ ରୋକିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ଟାଉନ ଥାନା ପରିସରରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୋଲିସ ପ୍ରଶାସନର ଅଧିକାରୀ, ଡିଜେ ସାଉଣ୍ଡ ମାଲିକ ଏବଂ ବାହାଘର ମଣ୍ଡପ ମାଲିକମାନେ ଯୋଗଦେଇଥିଲେ। ମୁଖ୍ୟତଃ ବୟସ୍କ ବ୍ୟକ୍ତି, ଅସୁସ୍ଥ ବ୍ୟକ୍ତି ଏବଂ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶବ୍ଦ ପ୍ରଦୂଷଣରୁ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଏଣିକି ଯେକୌଣସି ଶୋଭାଯାତ୍ରା, ବରଯାତ୍ରୀ

**ରାତି ୧୦ରୁ ସକାଳ ୬ଟା ଯାଏ ଡିଜେ, ବାଣକୁ ବାରଣ**

ଶୋଭାଯାତ୍ରାରେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଡିଜେ ସାଉଣ୍ଡ ଏବଂ ବାଣ ଫୁଟାଇବା ଉପରେ କଟକଣା ଲଗାଯାଇଛି। ସେହିପରି ଶବ୍ଦର ସାଉଣ୍ଡ ୬୫ ଡେସିବେଲ ମଧ୍ୟରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି କେଉଁଠାରେ ନିୟମ ଭଙ୍ଗ କରିବାର ନଜର ଆସେ ତେବେ ନିକଟରେ ଥିବା ପୋଲିସ ଷ୍ଟେଶନ କିମ୍ବା ୧୧୨ ନମ୍ବରକୁ କଲ କରି ଅଭିଯୋଗ କରିବା ପାଇଁ ପୋଲିସ ପକ୍ଷରୁ ସୂଚନା ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଅପରପକ୍ଷେ ମାଲିକମାନେ ପୋଲିସ ପକ୍ଷରୁ ନିଆଯାଇଥିବା ପ୍ରସ୍ତାବ ଗ୍ରହଣ କରିବେ ବୋଲି ସହମତ ପ୍ରକାଶ କରିଛନ୍ତି।

# ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ସ୍କୁଲ ଅନୁଧ୍ୟାନ

ପୁରୀ ଅଫିସ,୧୪।୧୨

ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ବିଭିନ୍ନ ସ୍କୁଲ ବୁଲି ସ୍କୁଲର ସ୍ଥିତି ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଅଧୀନରେ ରାଜ୍ୟର ଅନେକ ବିଦ୍ୟାଳୟଗୁଡିକୁ ଡିଜିଟାଲ ସ୍କୁଲରେ ପରିଣତ କରାଯାଉଛି। ଏହିପରିପ୍ରେକ୍ଷୀରେ ପୁରୀର ୧୭ଟି ବିଦ୍ୟାଳୟକୁ ଡିଜିଟାଲ ବିଦ୍ୟାଳୟରେ ପରିଣତ କରାଯିବ। ଏ ନେଇ ମଙ୍ଗଳବାର ଜିଲାପାଳ ବର୍ମା ୫-ଟି ଆଧାରରେ ହେବାକୁ ଥିବା ଡିଜିଟାଲ ସ୍କୁଲଗୁଡିକ ବୁଲି ତା'ର ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟରେ ଅତ୍ୟାଧୁନିକ କ୍ଲାସ ରୁମ, ଲାଇବ୍ରେରି, ପିଲାମାନଙ୍କ ପାଠପଢ଼ା, ଉତ୍ତମ ଶୌଚାଳୟ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକମାନଙ୍କଠାରୁ ବୁଝିବା ସହ ମତାମତ ପ୍ରଦାନ କରିଥିଲେ।



ରେଭେନ୍‌ଶା ଇଷ୍ଟ ହଷ୍ଟେଲ ଶତବାର୍ଷିକୀ ପାଳନ ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍‌ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ଅଣାଯାଉଛି।

# କାଳିନ୍ଦୀଚରଣଙ୍କ ଜନ୍ମସ୍ଥାନରୁ ଆସିଲା ମାଟି

ବାଲିପାଟଣା,୧୪।୧୨(ଡି.ଏନ୍.ଏ.)

ରେଭେନ୍‌ଶା ଇଷ୍ଟ ହଷ୍ଟେଲ ଆସନ୍ତା ୨୪ ତାରିଖରେ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍‌ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ନିଆଯାଇଛି। ଏହି ହଷ୍ଟେଲର ଅନ୍ତେବାସୀ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ତେବାସୀମାନେ ଏକ ଶୋଭାଯାତ୍ରାରେ ବିଶ୍ୱନାଥପୁର ଛକରୁ ବାହାରି କାଳିନ୍ଦୀ ଚରଣଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ଏକ ମାଠିଆରେ ରଖାଯାଇଥିଲା। ପରେ ମନ୍ତ୍ରଧ୍ୱନିରେ ଜଳଶୁଦ୍ଧି କରି ନିଆଯାଇଥିଲା। ହଷ୍ଟେଲ ପ୍ରାଙ୍ଗଣରେ ସ୍ମୃତି ସ୍ତମ୍ଭ ସ୍ଥାପନା ସହ ବୃକ୍ଷରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲାପାଳ ମହାପାତ୍ର କହିଛନ୍ତି, କାଳିନ୍ଦୀ ଚରଣଙ୍କ ଜନ୍ମମାଟିର ଉନ୍ନତି ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବି। ଏହି ମାଟି ସଂଗ୍ରହ ଅଭିଯାନରେ ଆଲୁମ୍‌ନି କମିଟି ସମ୍ପାଦକ ପ୍ରତାପ କୁମାର ମହାନ୍ତି, ଶଶାଙ୍କ ଶେଖର ରାଉତ, ସନ୍ତୋଷ ସେଠୀ, ଶୁଭ୍ରାଂଶୁ ମିଶ୍ର, ଅମୃତ ସାହୁ, ସୁମୃତ ଶୁଭ୍ରମାନ ବିଶ୍ୱାଳ, ଦିବ୍ୟରଞ୍ଜନ, ଉମେଶ ଗଡ଼ନାୟକ, ଆଶିଷ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

# ମହିଳା ପର୍ଯ୍ୟଟକଙ୍କ ଅଶ୍ଳୀଳ ଫଟୋ ଭାଇରାଲ

ପୁରୀ ଅଫିସ ୧୪।୧୨

ପୁରୀ ସହରରେ ଜଣେ ମହିଳା ପର୍ଯ୍ୟଟକଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଏକ ହୋଟେଲରେ କାର୍ଯ୍ୟ କରୁଥିବା ପଶ୍ଚିମବଙ୍ଗ ଆସାମସୋଲ ଅଞ୍ଚଳର ବିପ୍ଳବ ମିଶ୍ର(୨୬)। ପୋଲିସ ଏ ନେଇ ନଂ.୨୫୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ଅଞ୍ଚଳର ଜଣେ ମହିଳା ପରିବାର ସହ

**ହୋଟେଲ କର୍ମଚାରୀ ଗିରଫ**

ପୁରୀ ବୁଲିବାକୁ ଆସି ସମୁଦ୍ରକୂଳ ଥାନା ଅଞ୍ଚଳର ଏକ ହୋଟେଲରେ ରହିଥିଲେ। ତେବେ ଉକ୍ତ ହୋଟେଲର ବାଥ୍‌ରୁମ୍‌ରେ ଲାଗିଥିବା କାଚଗ୍ଲାସରେ ଭିତରପଟୁ ଲୁଚେଇ କ୍ୟାମେରା ରଖାଯାଇଥିବା ନେଇ ମହିଳା ଜାଣିବାକୁ ପାଇଥିଲେ। ଏ ନେଇ ତାଙ୍କ ପରିବାର ଲୋକ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ କରିଥିଲା। ହୋଟେଲର ସମସ୍ତ କର୍ମଚାରୀ ପଚରାଉଚରା ବେଳେ ବିପ୍ଳବ ଏଭଳି କାର୍ଯ୍ୟ କରୁଥିବା ଜାଣିବା ପରେ ପୋଲିସ ତାଙ୍କଠାରୁ ମୋବାଇଲ ଜବତ କରିବା ସହ ଗିରଫ କରିଥିଲା। ଅନ୍ୟପଟେ ଏଭଳି ଘଟଣାକୁ ପୁରୀ ହୋଟେଲ ବ୍ୟବସାୟୀ ସଂଘ ନିନ୍ଦା କରିଛି। ତେବେ ଏଭଳି ଘଟଣାରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ। ତେଣୁ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ଏସ୍‌ପି କନୱର ବିଶାଲ ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ପୋଲିସର ଏହି ସଚେତନ କାର୍ଯ୍ୟକୁ ହୋଟେଲ ଆସୋସିଏଶନ ସହଯୋଗ କରିବ ବୋଲି କୁହାଯାଇଛି।

## ସଂକୁଳ ସ୍ତରୀୟ ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ

ପୁରୀ ଅଫିସ,୧୪।୨୧

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ଆନୁକୂଲ୍ୟରେ ପୁରୀ ନଗରର ୩ଟି ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘୋଡ଼ାବଜାର, ମଧୁବନ ଓ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିର ପରସରରେ ସଂକୁଳ ସ୍ତରୀୟ ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଜାତୀୟ ଶିକ୍ଷାନୀତିର ବିଦ୍ୟାଳୟ ସ୍ତରୀୟ ପ୍ରୟୋଗ ଉଦ୍ଦେଶ୍ୟ ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୭ଜଣ ପ୍ରଶିକ୍ଷକ ଯୋଗଦେଇଥିଲେ। ଘୋଡ଼ା ବଜାର ଶିଶୁ ମନ୍ଦିର ଓ ମାରୁତିନଗର ଶିଶୁ ମନ୍ଦିରର ମୋଟ ୮୦ଜଣ ପ୍ରଶିକ୍ଷାର୍ଥୀ ଘୋଡ଼ାବାଜରରେ, ମଧୁବନ ଶିଶୁ ମନ୍ଦିର, ଚନ୍ଦନପୁର ଶିଶୁ ମନ୍ଦିର ଓ ଆଳପୁର ଶିଶୁ ବିଦ୍ୟାମନ୍ଦିରର ମୋଟ ୬୫ଜଣ ପ୍ରଶିକ୍ଷାର୍ଥୀ ମଧୁବନରେ ଏବଂ ହରଚଣ୍ଡୀସାହି ଶିଶୁ ମନ୍ଦିର ଓ ନୀଳକଣ୍ଠ ଶିଶୁ ମନ୍ଦିରର ୫୯ଜଣ ପ୍ରଶିକ୍ଷାର୍ଥୀ ହରଚଣ୍ଡୀ ସାହିରେ ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ଶିକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଘୋଡ଼ାବଜାର ଶିଶୁ ମନ୍ଦିରର ପରିଚାଳନା ସମିତି ସଭାପତି ଅଭିମନ୍ୟୁ ଭୂୟାଁ, ହରଚଣ୍ଡୀ ସାହି ଶିଶୁ ମନ୍ଦିର ପରିଚାଳନା ସମିତି ଉପସଭାପତି ଦୀନବନ୍ଧୁ ତ୍ରିପାଠୀ ଏବଂ ମଧୁବନ ଶିଶୁ ମନ୍ଦିରର ପରିଚାଳନା ସମିତି ସମ୍ପାଦକ ପୁରୁଷୋତ୍ତମ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୁରୀ ସଂକୁଳର ସଂକୁଳ ସଂଯୋଜକ ଅରବିନ୍ଦ ଦାସ, ହରଚଣ୍ଡୀ ସାହି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନନ୍ଦ, ମଧୁବନ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ମିଶ୍ର, ମାରୁତି ନଗର ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିନୋଦ ସେନାପତି, ଚନ୍ଦନପୁର ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅର୍ଜୁନ ମହାପାତ୍ର ଏବଂ ଆଳପୁର ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଦୀପରଞ୍ଜନ ଛୋଟରାୟ ପ୍ରମୁଖ ସମ୍ପାଦିତ କରିଥିଲେ।

## ସ୍ୱଚ୍ଛ ପରିବେଶ ନେଇ ସଚେତନ

ସାକ୍ଷୀଗୋପାଳ, ୧୪।୧୨ (ଡି.ଏନ୍.ଏ)

ସତ୍ୟବାଦୀ ବ୍ଲକର ଅଳଗୁମ ପଞ୍ଚାୟତରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଡିସେମ୍ବର ପହିଲାରୁ ଆରମ୍ଭ ହୋଇଛି। ଏଥିରେ ବିଦ୍ୟାଳୟ ପରିସର, ଶ୍ରେଣୀ ଗୃହ, ପାଇଖାନା ସହିତ ଗ୍ରାମର ଆରାଧ ଶକ୍ତିପୀଠ ମା' ଜାଗେଶ୍ୱରୀ ଓ ଗତିଶ୍ୱରଦେବୀଙ୍କ ମନ୍ଦିର ପ୍ରାଙ୍ଗଣ ସଫେଇ କରାଯାଇଥିଲା। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମିଳିତ ଭାବେ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବ୍ୟାନର ସହ ସ୍ଲୋଗାନ ଦେଇ ଅଳଗୁମ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସ୍ୱଚ୍ଛ ପରିବେଶ ସୁଖୀ ସମାଜ ସମ୍ପର୍କରେ ସଚେତନ କରାଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କିରଣ



@ ବିଜୟ



@ ଗୀତା



@ ସୋନମ



@ ବିକ୍କୁ



@ ଆଶୁତୋଷ

# ଅସୁସ୍ଥ ଯାତ୍ରୀଙ୍କୁ ଉଦ୍ଧାର କଲା ଆର୍‌ପିଏଫ୍

ପୁରୀ ଅଫିସ,୧୪।୧୨

ଜଣେ ଅସୁସ୍ଥ ଥିବା ଯାତ୍ରୀଙ୍କୁ ପୁରୀ ରେଳଷ୍ଟେଶନ ପରିସରରୁ ଉଦ୍ଧାର କରି ପୁରୀ ଆର୍‌ପିଏଫ୍ କର୍ମଚାରୀ ମେଡିକାଲରେ ଭର୍ତ୍ତି କରିଛନ୍ତି। ପୁରୀ ଆର୍‌ପିଏଫ ଆଇଆଇସି ଅନିଲ ସିଂହଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ୧୫ରେ ଏସ୍‌ଆଇ ଅମରନାଥ ନାୟକ ଟିମ୍ ସହ ରେଳଷ୍ଟେଶନ ପରିସରରେ ଚେକିଂ କରୁଥିଲେ। ଜଣେ ଯୁବକ ୪ ନମ୍ବର ପ୍ଲାଟଫର୍ମର ଶେଷ ଆଡକୁ ଗୋଟିଏ ବେଞ୍ଚରେ ଅଚେତ ଅବସ୍ଥାରେ ପଡିରହିଛି। ତାଙ୍କ ନିକଟକୁ ଯାଇ ଦେଖିବାବେଳେ ଜ୍ୱର ଥିବାରୁ ଅଧିକାରୀଙ୍କୁ ଜଣାଇବା ସହ ସଦର ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ଉକ୍ତ ଯୁବକ ସୁନ୍ଦରଗଡ ଜିଲାର ସମୀର ନାୟକ। ସେ ଟ୍ରେନରେ ଭୁବନେଶ୍ୱରରୁ ପୁରୀ ଆସୁଥିବା ବେଳେ ସୋମବାର ସନ୍ଧ୍ୟାରେ ଅସୁସ୍ଥ ଅନୁଭବ କରି ରାତି ସୁଦ୍ଧା ପୁରୀ ପହଞ୍ଚିବା ପରେ ଅଚେତ ହୋଇ ବେଞ୍ଚ ଉପରେ ପଡିଯାଇଥିଲେ। ଏ ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରୁଛନ୍ତି।



ରାଜ୍ୟରେ ହତ୍ୟାକାଣ୍ଡ, ଶିଶୁ ଚୋରି ଏବଂ ଅଙ୍ଗ ଚୋରା ଚାଲାଣ ଘଟଣାରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ୨୧ ପରିବାରର ସଦସ୍ୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି କିମ୍ବା ସିବିଆଇ ତଦନ୍ତ ଦାବିରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।



ପୁସ୍ତକକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ପରିଚୟ ପତ୍ର ପ୍ରଦାନ ସହ କଡ଼ା ସିକ୍ୟୁରିଟି ଦାବି

କାକଟପୁର - ମଙ୍ଗଳା ମହାବିଦ୍ୟାଳୟରେ ନାମ ଲେଖାକୁ ୪ମାସ ପୂରିଥିଲେ ମଧ୍ୟ ପିଲାଙ୍କୁ ଏପର୍ଯ୍ୟନ୍ତ ପରିଚୟ ପତ୍ର ମିଳି ନାହିଁ। ଅନ୍ୟ ମହାବିଦ୍ୟାଳୟର ପିଲାମାନେ ଏହାର ସୁଯୋଗ ନେଇ ମହାବିଦ୍ୟାଳୟକୁ ପଶି ଗଣ୍ଡଗୋଳ କରୁଥିବା ଅଭିଯୋଗ ହୋଇଛି। ମହାବିଦ୍ୟାଳୟରେ ସେପ୍ଟେମ୍ବରରୁ ନାମଲେଖା ସରିଲାଣି। କିନ୍ତୁ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ପରିଚୟପତ୍ର ଦିଆଯାଇ ନାହିଁ। ଏହାର ସୁଯୋଗ ନେଇ ଅନ୍ୟ ମହାବିଦ୍ୟାଳୟର ଛାତ୍ରମାନେ ମହାବିଦ୍ୟାଳୟର ପୋଷାକ ପିନ୍ଧି ମହାବିଦ୍ୟାଳୟରେ ପଶି ଗଣ୍ଡଗୋଳ କରୁଛନ୍ତି। ପାଠ ପଢ଼ିବା ବାହାନାରେ ଆସି କ୍ଲାସ୍ ନ କରି ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ଅଭିଯୋଗ ହୋଇଛି। କଲେଜ କର୍ତ୍ତୃପକ୍ଷ ଖୁବଶୀଘ୍ର ଛାତ୍ରୀଛାତ୍ରମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ସହ ପ୍ରବେଶ ପଥରେ ସିକ୍ୟୁରିଟି କଡ଼ାକଡ଼ି କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧୨।୨୦୨୧

| ୩,୬୮,୩୮୪ ଟଙ୍କା | |
|---|---|
| ସୁନା | ୧୨.୨୦୦ ଗ୍ରାମ |
| ରୁପା | ମିଳିନାହିଁ |

# ୧୭ ବର୍ଷ ହେଲା ଜନ୍ମେଞ୍ଜୟଙ୍କୁ ମିଳିନି ଅବସର ଭତ୍ତା

■ ଶ୍ରୀମନ୍ଦିରରେ ମାଳି କାର୍ଯ୍ୟ କରୁଥିଲେ
■ ଅଭିଯୋଗ ସତ୍ତ୍ୱେ କେବଳ ମିଳିଛି ପ୍ରତିଶ୍ରୁତି
■ ଏବେ ମହାପ୍ରଭୁଙ୍କ ଝାଞ୍ଜ ସେବା କରୁଛନ୍ତି

ପୁରୀ ଅଫିସ,୧୪।୧୨:

ଭାଗ୍ୟରେ ଥିଲେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା କରିବାକୁ ମିଳେ। ଦୀର୍ଘବର୍ଷ ହେବ ମହାପ୍ରଭୁଙ୍କ ସେବା କରି ମଜ୍ଜିଯାଇଥିବାରୁ ଚାକିରି ସରିଯାଇଥିଲେ ମଧ୍ୟ ଏବେ ବି ସେବା କାର୍ଯ୍ୟ ଜାରି ରଖିଛନ୍ତି ପୁରୀର ଜନ୍ମେଞ୍ଜୟ ମହାପାତ୍ର। ଏପରିକି ଜୀବନର ଶେଷ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା କରିଚାଲିଥିବି ବୋଲି ସେ କହିଛନ୍ତି। ହେଲେ ତାଙ୍କର ଗୋଟିଏ ଦୁଃଖ ଯେ, ଚାକିରି ସରିବାର ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ମିଳିପାରିନି ଅବସରକାଳୀନ ଭତ୍ତା। ବୟସର ଅପରାହ୍ନରେ ଭତ୍ତାକୁ ଅପେକ୍ଷା କରି ବଞ୍ଚିଛନ୍ତି ଜନ୍ମେଞ୍ଜୟ।

ଶ୍ରୀମନ୍ଦିର ନୀଳାଚଳ ଉପବନର ମୁଖ୍ୟ ମାଳି ଭାବେ ଜନ୍ମେଞ୍ଜୟ ୨୦ ବର୍ଷ ଧରି କାର୍ଯ୍ୟ କରୁଥିଲେ। ମାସକୁ ଦରମା ଥିଲା ୫ ହଜାର ଟଙ୍କା। ୨୦୦୪ ଅକ୍ଟୋବରରେ ଚାକିରି ଜୀବନରୁ ସେ ଅବସର ନେଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବାରମ୍ବାର ଅବସର ଭତ୍ତା ପାଇଁ ଗୁହାରି କରିଥିଲେ ମଧ୍ୟ ସବୁଠାରୁ ତାଙ୍କୁ ମିଳିଛି କେବଳ ପ୍ରତିଶ୍ରୁତି। ନିଜ ହକ୍‌ର ଟଙ୍କା ପାଇଁ ଜୀବନଯୁଦ୍ଧରେ ଲଢ଼ି ଲଢ଼ି ସେ ଦିନକୁ ଦିନ ଦୁର୍ବଳ ହୋଇପଡୁଥିବାବେଳେ କେହି ଜଣେ ଆହା ପଦେ କହିବାକୁ ନାହିଁ। ଜନ୍ମେଞ୍ଜୟଙ୍କ ଅଣ୍ଟା ନଇଁ ପଡ଼ିଥିବା ବେଳେ ବାର୍ଦ୍ଧକ୍ୟ ଶରୀରକୁ ଦୁର୍ବଳ କରିସାରିଛି। ମାତ୍ର ମହାପ୍ରଭୁଙ୍କ ସେବା କରିବାର ଇଚ୍ଛା ନେଇ ଏବେ ମଧ୍ୟ ଶ୍ରୀମନ୍ଦିର ଭିତରକୁ ଯାଉଛନ୍ତି। ସେ ଏବେ ମହାପ୍ରଭୁଙ୍କ ଝାଞ୍ଜ ସେବାରେ ନିଜକୁ ସମର୍ପିତ କରିଛନ୍ତି। ଜୀବନ ସାରା ଅବିବାହିତ ଓ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା ଏହା ହିଁ ତାଙ୍କର ଜୀବନ ବ୍ରତ ପାଲଟିସାରିଛି।

ଏ ନେଇ ଜନ୍ମେଞ୍ଜୟ କହିଛନ୍ତି, ୨୦ ବର୍ଷ ଚାକିରି ପରେ ଅବସର ନେଲି। ହେଲେ ଏପର୍ଯ୍ୟନ୍ତ ଭତ୍ତା ମିଳିନାହିଁ। ପୁରୀ ଚୁଡ଼ଙ୍ଗ ସାହିରେ ପୈତୃକ ଘର ଥିଲେ ମଧ୍ୟ ଏବେ ତାହା ଧ୍ୱଂସ ପାଲଟିଗଲାଣି। ତେଣୁ ବଡ଼ ଦାଣ୍ଡରେ ରାତି କାଟୁଛି। ମହାପ୍ରଭୁଙ୍କ ଆଶୀର୍ବାଦ ଥିବାରୁ ଏଠି ରହି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଧୂପ ବସିବା ବେଳେ ଶ୍ରୀମନ୍ଦିରକୁ ଯାଇ ଝାଞ୍ଜ ସେବା କରେ। ଏହାପରେ ପୁରୀରୁ କଟକ ନିଜ ଖର୍ଚ୍ଚରେ ଯାତ୍ରା କରି ଚଣ୍ଡୀ ମନ୍ଦିରରେ ଅମହଣିଆ ମହାପ୍ରସାଦ ଲାଗି କରି ଫେରେ। ସେହିଭଳି ଟଙ୍କା ମିଳିଲେ ଡେଲାଙ୍ଗ ବେଗୁନିଆ ଗଡରେ ଥିବା ଏକ ମନ୍ଦିର ଓ ମନ୍ଦିରର ରୋଷଘର ନିର୍ମାଣରେ ଅବସର ଭତ୍ତାକୁ ଖର୍ଚ୍ଚ କରିବେ ବୋଲି ଜନ୍ମେଞ୍ଜୟ କହିଛନ୍ତି। ଅନ୍ୟପକ୍ଷେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ଜାଣିବା ପରେ କେବେଠାରୁ ଭତ୍ତା ବାକି ରହିଛି ତାହାର ତୁରନ୍ତ ସମୀକ୍ଷା କରାଯିବ। ଠିକ ତର୍ଜମା କରାଯାଇ ଜନ୍ମେଞ୍ଜୟଙ୍କୁ ସାହାଯ୍ୟ କରାଯିବ। କୌଣସି ପ୍ରକାର ତ୍ରୁଟି ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବୃଦ୍ଧ ମା'ଙ୍କୁ ୨ ପୁଅ ମାଡ଼ ମାରିବା ଅଭିଯୋଗ

କାକଟପୁର,୧୪।୧୨

କାକଟପୁର ଥାନା ଅଞ୍ଚଳର ଜଣେ ବୃଦ୍ଧା ମା'ଙ୍କୁ ତାଙ୍କ ୨ ପୁଅ କୌଣସି କାରଣକୁ ନେଇ ମାଡ଼ ମାରୁଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପ୍ରାଥମିକ ଭାବେ ତଦନ୍ତ ଚଳାଇଛନ୍ତି। ୮୦ ବର୍ଷୀୟ ସୁଶୀଳା ସ୍ୱାଇଁ ସାନପୁଅ ପାଖରେ ରୁହନ୍ତି। ଅନ୍ୟପଟେ ବଡ଼ ଓ ମଝିଆ ପୁଅ ମଧ୍ୟ ରୁହନ୍ତି। ସୋମବାର ସୁଶୀଳା ଏକ ମାଟି ନନ୍ଦିଆକୁ ସଫା କରିବାକୁ ନେଇ ବଡ଼ ଓ ମଝିଆ ପୁଅଙ୍କ ସ୍ତ୍ରୀ ତାଙ୍କ ସହ କଳି କରିଥିଲେ। ପରେ ପାଟିତୁଣ୍ଡ ଅଧିକ ହେବାରୁ ବଡ଼ ଓ ମଝିଆ ପୁଅ ଆସି ମାଆଙ୍କୁ ତାଗିଦ୍ କରିବା ସହ ଗୋବର ଥିବା ନନ୍ଦିଆକୁ କାହିଁକି ସଫା କରୁଛୁ କହି ପୁଅ, ବୋହୂ ମିଶି ତଳେ ଘୋଷାଡି ମାଡ଼ ମାରିଥିଲେ। ଏ ନେଇ ସାନପୁଅ ଦେଖି ମାଆଙ୍କୁ ଉଦ୍ଧାର କରିଥିଲେ। ପରେ ଦୁହେଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରି ଅଭିଯୋଗକୁ ବଡ଼ପୁଅ ଅସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ପୋଖରୀରୁ ମୃତଦେହ ଜବତ

ବ୍ରହ୍ମଗିରି,୧୪।୧୨(ଡି.ଏନ୍.ଏ.) : ବ୍ରହ୍ମଗିରି ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ଏକ ପୋଖରୀରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଲକ୍ଷ୍ମୀଧର ପଲାଇ (୫୫)। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଲକ୍ଷ୍ମୀଧର ଗ୍ରାମ ନିକଟସ୍ଥ ଏକ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ ନିକଟକୁ ଯିବାବେଳେ ଲକ୍ଷ୍ମୀଧରଙ୍କ ଚପଲ ଥିବା ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ବ୍ରହ୍ମଗିରି ଅଗ୍ନିସେବା କର୍ମଚାରୀ ଆସି ପୋଖରୀରେ ଖୋଜିବା ପରେ ତାଙ୍କର ମୃତଦେହ ମିଳିଥିଲା।

### ଗରମ ଡାଲି ପଡ଼ି ସେବାୟତ ଆହତ

ପୁରୀ ଅଫିସ,୧୪।୨୧- ଶ୍ରୀମନ୍ଦିରରେ ମଙ୍ଗଳବାର ଏକ ଅଘଟଣ ଦେଖିବାକୁ ମିଳିଛି। ଭୋଗମଣ୍ଡପ ଘରୁ ଆନନ୍ଦ ବଜାରକୁ ମହାପ୍ରସାଦ ନେଉଥିବା ବେଳେ ଜଣେ ସୁଆର ସେବାୟତଙ୍କ ଦେହରେ ଗରମ ଡାଲି ପଡି ଆହତ ହୋଇଛନ୍ତି। ଆହତ ସୁଆର ସେବାୟତ ଜଣଙ୍କ ହେଉଛନ୍ତି ହରଚଣ୍ଡୀ ସାହିର ନରସିଂହ ମହାପାତ୍ର। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ସୁଆର ମହାପାତ୍ର ଭୋଗମଣ୍ଡପ ଘରୁ ମହାପ୍ରସାଦ ଓ ଗରମ ଡାଲି ନେଇ ଆନନ୍ଦ ବଜାରକୁ ଯାଉଥିଲେ। ଏହି ସମୟରେ ସେ ହଠାତ୍ ଭାରସାମ୍ୟ ହରାଇ ଥିଲେ। ଫଳରେ ଗୋଡ଼ ଖସିଯିବାରୁ ତଳେ ପଡ଼ିବା ସହ ଡାଲି କୁଡୁଆଟି ପଡ଼ି ଭାଙ୍ଗି ତାଙ୍କ ଶରୀରରେ ପଡ଼ିଥିଲା। ଡାଲି ତାଙ୍କ ବାମ ହାତ ଏବଂ ଗୋଡରେ ପଡିଯିବାରୁ ଚାରିଆଡ଼େ ଫୋଟକା ହୋଇଯାଇଥିଲା। ଅନ୍ୟ ସେବାୟତମାନେ ତାଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କର ଚିକିତ୍ସା କରିବା ପରେ ଏବେ ସେ ସୁସ୍ଥ ଅଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବ୍ରହ୍ମଗିରି,୧୪।୧୨(ଡି.ଏନ୍.ଏ.) : ବ୍ରହ୍ମଗିରି ଥାନା ଅନ୍ତର୍ଗତ ପୁରୀ ସାତପଡା ଜାତୀୟ ରାଜପଥର କେରାଣ୍ଡିଆ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ତୋରଣ ଗ୍ରାମର ଚନ୍ଦନ ଭୋଇ। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଚନ୍ଦନ ବାଇକ୍ ଯୋଗେ ବ୍ରହ୍ମଗିରିରୁ ଗ୍ରାମ ଅଭିମୁଖେ ଫେରୁଥିଲେ। କେରାଣ୍ଡିଆ ଛକ ନିକଟରେ ହଠାତ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଂକଟପନ୍ନ ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚିଥିଲେ।

# ଆଜି ମହାପ୍ରଭୁଙ୍କ ବନକ ଲାଗି ନୀତି

ପୁରୀ ଅଫିସ,୧୪।୧୨

ମାର୍ଗଶିର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ହେବ। ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ବୁଧବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡପଲାଗି ଏବଂ ପହୁଡ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ପରେ ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦଇତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। କସ୍ତୁରି, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ନୀତି ଅପରାହ୍ନ ୪ଟା ସମୟରୁ ଆରମ୍ଭ ହୋଇ ପ୍ରାୟ ୩ରୁ ୪ ଘଣ୍ଟା ଚାଲିବ।



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦୋକାନ ଭଙ୍ଗା ବନ୍ଦ ଓ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଉଛି।

## ଆଗାମୀ ପିଢି ପାଇଁ ଶକ୍ତି ସଂରକ୍ଷଣ ଆବଶ୍ୟକତା ଜରୁରୀ

ଡେଲାଙ୍ଗ, ୧୪।୧୨ (ଡି.ଏନ୍.ଏ)

ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ଅବସରରେ ମୁନିନ୍ଦା କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ଓ ବୋଲକଣାସ୍ଥିତ ସେଭ୍ ଦି ଆର୍ଥ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ସଚେତନତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଡିଓ ଦିଲୀପ ଷଡ଼ଙ୍ଗୀ ଯୋଗଦେଇ ଶକ୍ତିର ଉତ୍ସ, ସୂର୍ଯ୍ୟାଲୋକ, ଜଳ, ମାଟି, ଜଙ୍ଗଲ ସମ୍ପଦର ସୁରକ୍ଷା ଓ ଉପଯୋଗ ପାଇଁ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଡେଲାଙ୍ଗ ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ ସାବତ, ପ୍ରକୃତିବନ୍ଧୁ ଅପର୍ତ୍ତି ମହାପାତ୍ର, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ବିଜୟ ଜେନା ଶକ୍ତି ସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟୁତ ଯନ୍ତ୍ରୀ ସାବତ ଶକ୍ତି ସଂରକ୍ଷଣର ସୁରକ୍ଷା ଶପଥ ପାଠ କରାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ହରିଚନ୍ଦନ, ଅଧ୍ୟାପକ ତ୍ରିନାଥ ପରିଡ଼ା, ଶିକ୍ଷକ ପ୍ରବୀର ମହାପାତ୍ର, ଅଜିତ ରାୟ, ସୁଶୀଳ ମୁକୁଟମଣି, ଭ୍ରମର ପ୍ରଧାନ, ସୁଶାନ୍ତ ବିଶ୍ୱାଳ, ଚିତ୍ରାନନ୍ଦ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ପଲ୍ଲୀ ସଂସ୍କୃତି କଳା ପରିଷଦ ପକ୍ଷରୁ ବିଭିନ୍ନ ପ୍ରକାରର ଚାରା ବିତରଣ ହୋଇଥିଲା।



ହରିଦ୍ୱାର ମଠର ସ୍ୱାମୀ ପ୍ରଜ୍ଞାନନ୍ଦ ଗୋସ୍ୱାମୀ ମହାରାଜ ଓ ରମାନନ୍ଦ ଗୋସ୍ୱାମୀ ମହାରାଜ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ତହସିଲ କାର୍ଯ୍ୟାଳୟ ଆଗରେ ଦିବ୍ୟାଙ୍ଗ ମହିଳାଙ୍କ ଅନଶନ

■ ଫନୀ ସହାୟତା ଦାବି
■ ପୂର୍ବରୁ ମଧ ଅନଶନରେ ବସିଥିଲେ

ପିପିଲି,୧୪।୧୨(ସ୍ୱ.ପ୍ର.)

ଫନୀ ସହାୟତା ଦାବିରେ ପିପିଲି ବ୍ଲକ ଅଧୀନ ନାହାମଙ୍ଗପାଟଣା ଗ୍ରାମର ଦିବ୍ୟାଙ୍ଗ ଟିକିନା ମଲ୍ଲିକ ସ୍ୱାମୀ ଓ ୫ବର୍ଷର ପୁଅକୁ ନେଇ ପିପିଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ ଆମରଣ ଅନଶନରେ ବସିଛନ୍ତି। ବାରମ୍ବାର ଅଭିଯୋଗସତ୍ତ୍ୱେ ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି, ହେଲେ ସମୟରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରିଛନ୍ତି ଟିକିନା।

ଫନୀ ବାତ୍ୟାରେ ଟିକିନାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ହେଲେ ତଦନ୍ତ ସମୟରେ ପ୍ରଶାସନ ପକ୍ଷରୁ କେବଳ ଆଂଶିକ ଘର ଭାଙ୍ଗିଥିବା ଦର୍ଶାଇ ଏଡାଇ ଦେଇଥିଲେ। ଏ ନେଇ ଟିକିନା ବ୍ଲକସ୍ତରରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଆଉ ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ପିପିଲି ତହସିଲ କାର୍ଯ୍ୟାଳୟକୁ ଚିଠି ଆସିଥିଲା। କିନ୍ତୁ ଟିକିନାଙ୍କୁ ଆଂଶିକ ସହାୟତା ଅର୍ଥାତ ୩୨୦୦ଟଙ୍କା ମିଳିଥିଲା। ହେଲେ ପିପିଲି ତହସିଲ ପ୍ରଶାସନ ପକ୍ଷରୁ ୯୫,୧୦୦ଟଙ୍କାର ଟିକିନାଙ୍କଠାରୁ ଫେରସ୍ତ କରିବାର ବିବରଣୀ ଉକ୍ତ ଚିଠିର ସ୍ପଷ୍ଟୀକରଣ ଦେଇଥିଲା ପିପିଲି ତହସିଲ କାର୍ଯ୍ୟାଳୟ। ଏହି କଥା ଟିକିନା ଜାଣିବା ପରେ ଗତ ନଭେମ୍ବର ୨୯ରେ ସପରିବାର ତହସିଲ ବାରଣ୍ଡାରେ ଧାରଣା ଦେଇଥିଲେ। ପରେ ପିପିଲି ପ୍ରଶାସନ ବୁଝାଶୁଝାକରି ପ୍ରତିଶ୍ରୁତି ଦେବା ପରେ ୩୦ତାରିଖରେ ଧାରଣାରୁ ଉଠିଥିଲେ। ହେଲେ ପ୍ରଶାସନ ଦେଇଥିବା ୪ଦିନର ପ୍ରତିଶ୍ରୁତି ୧୪ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ କରି ସୋମବାର ପୁଣି ଆମରଣ ଅନଶନରେ ବସିଛନ୍ତି ଉକ୍ତ ଦିବ୍ୟାଙ୍ଗ ପରିବାର। ଏ ନେଇ ତହସିଲଦାର ସପନ କୁମାର ନନ୍ଦ କହିଛନ୍ତି, ଟିକିନା ରହୁଥିବା ଜାଗାଟି ସରକାରୀ ରେକର୍ଡ ରହିଛି। ସରକାରୀ ଜାଗା ପାଇଁ ଫନୀର ପୂର୍ଣ୍ଣ ସହାୟତା ଦିଆଯିବାର ବ୍ୟବସ୍ଥା ନାହିଁ। ଅନ୍ୟପଟେ ଅଭିଯୋଗକାରିଣୀ ଟିକିନା କହିଛନ୍ତି, ଏହି ଜାଗା ତାଙ୍କ ସ୍ୱାମୀଙ୍କ ପୈତୃକ ସମ୍ପତ୍ତି, ଏହାର ପୂରା ଦସ୍ତାବିଜ ଅଛି। ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ ବୋଲି ଟିକିନା କହିଛନ୍ତି।

## ଗାଁ ପରିବେଶ ସ୍ୱଚ୍ଛ ସମ୍ପର୍କିତ କର୍ମଶାଳା

ଡେଲାଙ୍ଗ, ୧୪।୧୨ (ଡି.ଏନ୍.ଏ)

ଗାଁ କଲ୍ୟାଣ ସମିତି ପକ୍ଷରୁ ଡେଲାଙ୍ଗ ବ୍ଲକ୍‌ର ଚାଇଁପୁର ପଞ୍ଚାୟତ ରାଜୀବ ସେବା କେନ୍ଦ୍ର ପରିସରରେ ଗାଁ ପରିବେଶ ଓ ସ୍ୱଚ୍ଛ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା ଏଥିରେ ତତ୍ତ୍ୱାବଧାନ କରିଥିଲେ। ଡ. ତପନ କୁମାର ଦାଶ ସରକାରଙ୍କ ପ୍ରଣୀତ ଗାଁ କଲ୍ୟାଣ ସମିତିର ଉପଯୋଗିତା, ଜନସାଧାରଣଙ୍କ ସହଭାଗିତା ଓ କାର୍ଯ୍ୟକାରିତା ସମ୍ପର୍କରେ ରହିଥିବା ସମସ୍ୟା ଓ ଏହାର ପ୍ରତିକାର ବିଷୟରେ ଅବଗତ କରାଇଥିଲା। କର୍ମଶାଳାରେ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ୱାର୍ଡ଼ ସଭ୍ୟାସଭ୍ୟ, ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନ ସ୍ୱାସ୍ଥ୍ୟ ଶିକ୍ଷାଧିକାରୀ ବଳରାମ ପଟ୍ଟନାୟକ କର୍ମଶାଳାର ପରିଚାଳନା କରିଥିଲେ।

# ଜିଲା କଂଗ୍ରେସର ଏସ୍‌ପି କାର୍ଯ୍ୟାଳୟ ଘେରାଉ

**କଂଗ୍ରେସ କର୍ମୀଙ୍କୁ ପୋଲିସର ଆକ୍ରମଣ ଘଟଣା**

ପୁରୀ ଅଫିସ,୧୪।୧୨

କଂଗ୍ରେସ ଭବନରେ ପଶି ପୋଲିସ କରିଥିବା ଦମନଲୀଳାକୁ ବିରୋଧ କରି ଓଡ଼ିଶା ପ୍ରଦେଶ କଂଗ୍ରେସ ଡାକରାରେ ମଙ୍ଗଳବାର ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିରେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ସେବାଦଳ ସହ ନଗର କଂଗ୍ରେସ, ସଦର ବ୍ଲକ କଂଗ୍ରେସର ସମସ୍ତ ନେତା ଓ ସଦସ୍ୟମାନେ ସାମିଲ ହୋଇଥିଲେ।

ପୁରୀ ଟାଉନହଲ ନିକଟରୁ ପ୍ରତିବାଦ ଶୋଭାଯାତ୍ରା ବାହାରି ଏସ୍‌ପି କାର୍ଯ୍ୟାଳୟ ନିକଟକୁ ଯାଇଥିଲା। ସେଠାରେ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରାଯିବା ସହ କାର୍ଯ୍ୟାଳୟ ଘେରାଉ କରାଯାଇ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଗଣତନ୍ତ୍ର ରାଜ୍ୟରେ ସରକାର କାହିଁକି ବିରୋଧୀଙ୍କ କଣ୍ଠରୋଧ କରିବା ନିମନ୍ତେ ପୋଲିସ ପ୍ରଶାସନକୁ ଆଗକୁ କରୁଛି ବୋଲି ଦଳ ଅଭିଯୋଗ କରିଛି। ସୂଚନାଯୋଗ୍ୟ, ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଗତ ୧୦ତାରିଖରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ତରଫରୁ ବିଧାନସଭା ଘେରାଉ ନିମନ୍ତେ ଡାକରା ଦିଆଯାଇଥିଲା। ତେବେ କର୍ମୀଙ୍କ ପକ୍ଷରୁ ପ୍ରଦର୍ଶନ କରାଯାଉଥିବା ବେଳେ ପୋଲିସ କଂଗ୍ରେସ କାର୍ଯ୍ୟାଳୟରେ ପଶି କର୍ମୀମାନଙ୍କୁ ପିଟିଥିଲା ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଏହି ଘେରାଉ ସମୟରେ ପୋଲିସ କାହିଁକି ନିଜର ବଳ ପ୍ରଦର୍ଶନ କରିଥିଲା ବୋଲି ଦଳ ପ୍ରଶ୍ନ କରିଥିଲା। ରାଜ୍ୟର ସ୍ୱାଭିମାନ ଓ ଗଣତନ୍ତ୍ର ସହ ମହିଳାଙ୍କ ସୁରକ୍ଷା ପାଇଁ ପୋଲିସର ଏହି ଲାଠି ଚାର୍ଜ ଆମକୁ ଭୟଭୀତ କରିପାରିବନି, ତେଣୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ। ଏହି ଅବସରରେ କର୍ମୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ କର୍ମୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଫଳରେ ପୋଲିସ ୩୦ରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ର ନେତାଙ୍କୁ ଉଠାଇ ନେଇ ଅଟକ ରଖି ପରେ ଛାଡ଼ି ଦେଇଥିଲା।

# ଜାନୁୟାରୀ ୧୭ରେ ମହୋଦଧି ଆରତିର ବାର୍ଷିକୋତ୍ସବ

ପୁରୀ ଅଫିସ,୧୪।୧୨

ଗୋବର୍ଦ୍ଧନ ପୀଠ ସମୁଦ୍ର ଆରତି ସଞ୍ଚାଳନ ସମିତି ଆନୁକୂଲ୍ୟରେ ଗୋବର୍ଦ୍ଧନ ପୀଠ-ଶଙ୍କରାଚାର୍ଯ୍ୟ ମଠ ପରିସରରେ ମହୋଦଧି ଆରତିର ୧୬ତମ ବାର୍ଷିକ ଉତ୍ସବ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଆରତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପୌଷ ପୂର୍ଣ୍ଣିମା ତିଥି ଅନୁଯାୟୀ ଜାନୁୟାରୀ ୧୭ରେ ଏହି ବାର୍ଷିକୋତ୍ସବ ଅନୁଷ୍ଠିତ ହେବ। ଏହି ସମାରୋହରେ ପ୍ରାତଃକାଳ ସଂକୀର୍ତ୍ତନରୁ ଆରମ୍ଭ ହୋଇ ମଧ୍ୟାହ୍ନରେ ସୁନ୍ଦରକାଣ୍ଡ ପାଠ ଓ ଅପରାହ୍ନରେ ଗୋବର୍ଦ୍ଧନ ପୀଠାଧୀଶ୍ୱରଙ୍କ ପୂଜା କରାଯିବ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ସମସ୍ତ ମଠାଧୀସ, ସାଧୁସନ୍ଥ, ବୈଷ୍ଣବ, ପୁରୀ ଗଜପତି ମହାରାଜା, ବରିଷ୍ଠ ସନ୍ଥଗଣ, ମନ୍ତ୍ରୀ, ଏମ୍‌ପି, ବିଧାୟକ, ବରିଷ୍ଠ ପ୍ରଶାସକ ଏବଂ ବାହାରୁ ଆସିଥିବା ଅତିଥି, ଆଗନ୍ତୁକ, ଏବଂ ସ୍ଥାନୀୟ ଅଧିବାସୀ ଓ ଭକ୍ତବୃନ୍ଦଙ୍କ ଉପସ୍ଥିତିରେ ମହୋଦଧି ଆରତି କରାଯିବ। ସନ୍ଧ୍ୟା ଆରତି କାର୍ଯ୍ୟକ୍ରମ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଆଧାତ୍ମିକ ସନ୍ଧ୍ୟାକୁ ଭବ୍ୟ କରିବା ପାଇଁ କେତେକ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତାବ ଗୃହୀତ ହୋଇଛି। ଆରତିର ପ୍ରଚାର ପ୍ରସାରର ସମସ୍ତ ଦାୟିତ୍ୱ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ରାଷ୍ଟ୍ରୀୟ, ପ୍ରାନ୍ତୀୟ ଓ ଜିଲା କାର୍ଯ୍ୟକର୍ତ୍ତାଙ୍କୁ ପ୍ରଦାନ କରାଯାଇଥିବା ବୈଠକରେ ଉପସ୍ଥିତ ସମିତି ସଦସ୍ୟମାନେ ସୂଚନା ଦେଇଛନ୍ତି।



ଭୁବନେଶ୍ୱର କଂଗ୍ରେସ ଭବନରେ କର୍ମୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ମଙ୍ଗଳବାର ପୁରୀ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।




କଟକ ଏସ୍‌ପି ଅଫିସ ସମ୍ମୁଖରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟ ଭିତରକୁ ମଙ୍ଗଳବାର ଛାତ୍ର କଂଗ୍ରେସ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ଅଟକାଉଛି ।

## ସଂକ୍ଷେପରେ

### ଗରମ ଡାଲି ପଡ଼ି ସେବାୟତ ଆହତ

**ପୁରୀ ଅଫିସ,୧୪।୧୨:** ଶ୍ରୀମନ୍ଦିରରେ ମଙ୍ଗଳବାର ଏକ ଅଘଟଣ ଦେଖିବାକୁ ମିଳିଛି। ଭୋଗମଣ୍ଡପ ଘରୁ ଆନନ୍ଦ ବଜାରକୁ ମହାପ୍ରସାଦ ନେଉଥିବା ବେଳେ ଜଣେ ସୁଆର ସେବାୟତଙ୍କ ଦେହରେ ଗରମ ଡାଲି ପଡି ଆହତ ହୋଇଛନ୍ତି। ଆହାତ ସୁଆର ସେବାୟତ ଜଣଙ୍କ ହେଉଛନ୍ତି ହରଚଣ୍ଡୀ ସାହିର ନରସିଂହ ମହାପାତ୍ର। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ସୁଆର ମହାପାତ୍ର ଭୋଗମଣ୍ଡପ ଘରୁ ମହାପ୍ରସାଦ ଓ ଗରମ ଡାଲି ନେଇ ଆନନ୍ଦ ବଜାରକୁ ଯାଉଥିଲେ। ଏହି ସମୟରେ ସେ ହଠାତ୍ ଭାରସାମ୍ୟ ହରାଇ ଥିଲେ। ଫଳରେ ଗୋଡ଼ ଖସିଯିବାରୁ ତଳେ ପଡ଼ିବା ସହ ଡାଲି କୁଡିଆଟି ପଡ଼ି ଭାଙ୍ଗି ତାଙ୍କ ଶରୀରରେ ପଡ଼ିଥିଲା। ଡାଲି ତାଙ୍କ ବାମ ହାତ ଏବଂ ଗୋଡରେ ପଡିଯିବାରୁ ଚାରିଆଡ଼େ ଫୋଟକା ହୋଇଯାଇଥିଲା। ଅନ୍ୟ ସେବାୟତମାନେ ତାଙ୍କ ଉଦ୍ଧାର କରି ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କର ଚିକିତ୍ସା କରିବା ପରେ ଏବେ ସେ ସୁସ୍ଥ ଅଛନ୍ତି।

### ବାରାଶିଙ୍ଗା ମୃତ, ପାଣିଗୋଧି ଆହତ, ସିଂହ ସମ୍ରାଟ ଅସୁସ୍ଥ

**ବାରଙ୍ଗ,୧୪।୧୨(ଡି.ଏନ୍.ଏ.):** ନନ୍ଦନକାନନର ୩୭ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ବାରାଶିଘାଂର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ରବିବାର ଏନ୍‌କ୍ଲୋଜରରେ ଖାଦ୍ୟାଭାବ ଯୋଗୁ ଅନ୍ୟ ଅଣ୍ଡିରା ବାରଶିଘାଂଙ୍କ ସହ ଗଣ୍ଡଗୋଳ ହୋଇ ତା' ଦେହରେ କ୍ଷତ ସୃଷ୍ଟି ହୋଇ ରକ୍ତଶ୍ରାବ ହେବାରୁ ଅଚେତ ହୋଇ ତଳେ ପଡିଯାଇଥିଲା। ଏହାପରେ ତା'ର ଚିକିତ୍ସା ନନ୍ଦନକାନନ ଡାକ୍ତରମାନେ କରିଥିଲେ ହେଁ ବଞ୍ଚାଇ ପାରି ନ ଥିଲେ। ସେହିପରି ସରୀସୃପ ଉଦ୍ୟାନର ୪୯ ଏ ଏନ୍‌କ୍ଲୋଜରରେ ଥିବା ମାଈ ଓ ଅଣ୍ଡିରା ପାଣି ଗୋଧି ମାଡଗୋଳ ହୋଇ ଅସୁସ୍ଥ ହୋଇଛନ୍ତି। ଉଭୟଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇ ରକ୍ତଶ୍ରାବ ହେବାରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ପୁଣିଥରେ ଅସୁସ୍ଥ ହୋଇଛି ଅଣ୍ଡିରା ସିଂହ ସମ୍ରାଟ। ଦ୍ୱିତୀୟଥର ପାଇଁ ସିଂହ ସଫାରିର ଏହି ଅସୁସ୍ଥ ସିଂହଟିର ଡାକ୍ତରଖାନାର ଆଇସିୟୁ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ଏକ ମାଈ ସିଂହୀ ସହିତ ଗତ ମାସରେ ମିଳନକୁ ନେଇ ସିଂହ ଶରତ ଓ ସମ୍ରାଟ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଶରତ ଆକ୍ରମଣରେ ସମ୍ରାଟ ଆହତ ହୋଇ ଚିକିତ୍ସା ହେବାପରେ ଏକପ୍ରକାର ସୁସ୍ଥ ହୋଇଥିଲା।

### ଯୁବକଙ୍କ ଜୀବନ ବଞ୍ଚାଇଲେ ଏନ୍‌ଡିଆର୍‌ଏଫ୍ ଅଧିକାରୀ

**ବାରଙ୍ଗ,୧୪।୧୨(ଡି.ଏନ୍.ଏ.):** ନରାଜ ପାଖ ସିଡିଏ ମୁଖ୍ୟ ରାସ୍ତାକଡରେ ଜଣେ ଯୁବକଙ୍କୁ କେହି ଧକ୍କାଦେଇ ପଳାଇଯାଇଥିବାବେଳେ ଚେତାଶୂନ୍ୟ ହରାଇ ପଡ଼ିଥିଲେ। ଏହି ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରୁଥିଲେ ହେଁ କେହି ରହି ନ ଥିଲେ। କିନ୍ତୁ ଏହି ବାଟଦେଇ ନିଜର ଡ୍ୟୁଟିକୁ ଏକ କାର୍ ଯୋଗେ ଏନ୍‌ଡିଆରଏଫ ୩ୟ ବାଟାଲିୟନର ସବଇନ୍ସପେକ୍ଟର ଅଶୋକ କୁମାର ମୁଣ୍ଡଳି ଆସୁଥିଲେ। ରାସ୍ତାକଡରେ ଅଚେତ ହୋଇପଡିଥିବା ଏହି ଯୁବକକୁ ଦେଖି ନିଜ କାର୍‌ରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇ ଆସିଥିଲେ। ଆହତ ଯୁବକର ଚେତା ଫେରିବାପରେ ସେ କଟକ ମଙ୍ଗଳାବାଗ ଅଞ୍ଚଳର ଜ୍ୟୋତି ପ୍ରକାଶ ନାୟକ ବୋଲି ଜଣାପଡିଥିଲା। ଖବରପାଇ ପରିବାରଲୋକ ଆସି ତାଙ୍କୁ ଡାକ୍ତରଖାନାରୁ ନେବାପରେ ଅଶୋକ ନିଜ ଡ୍ୟୁଟିକୁ ଫେରିଥିଲେ। ଅଶୋକଙ୍କ ଏହି ମାନବିକତା ପାଇଁ ଜଣେ ଯୁବକର ଜୀବନ ବଞ୍ଚିଯାଇଥିବାରୁ ସମସ୍ତେ ତାଙ୍କୁ ସାବାସୀ ଦେଇଥିଲେ।

# ପ୍ରତିଶ୍ରୁତି ପରେ ବି ହେଉନି ଜବରଦଖଲ ଉଚ୍ଛେଦ

**ଖୋର୍ଦ୍ଧା ଅଫିସ,୧୪।୧୨**

**ପୁରୁଣା ଡିଆରଡିଏ କୋଠା, ଜାଗା ଜବରଦଖଲ ପ୍ରସଙ୍ଗ**
- ତାଲିମ କେନ୍ଦ୍ର ପାଇଁ ନିଷ୍ପତ୍ତି ହୋଇଥିଲା
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳ ନିକଟରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ଅଧୀନରେ ରହିଥିବା ଜିଲା ପ୍ରଶାସନର ପୁରୁଣା ଡିଆରଡିଏ କୋଠା ଓ ଜାଗା (ମାଟିରେ ମିଶିଯାଇଛି) ଜବରଦଖଲ ଉଚ୍ଛେଦ ଲାଗି ଖୋର୍ଦ୍ଧାର ବିଭିନ୍ନ ସାମାଜିକ ଅନୁଷ୍ଠାନ ଦାବି କରିଛନ୍ତି। କେବେଳ ପ୍ରତିଶ୍ରୁତି ଦେଇ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କୌଣସି ପଦକ୍ଷେପ ନଆଯାଇ ନାହିଁ ବୋଲି ନ୍ୟୁ ଥିଙ୍କିଙ୍ଗ ଫୋରମ ସଭାପତି ନରେନ୍ଦ୍ର ପୃଷ୍ଟି କହିଛନ୍ତି। ସେହିପରି କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଉକ୍ତ ସମ୍ପତ୍ତିରେ ଘରୋଇ ଶିକ୍ଷାନୁଷ୍ଠାନ ସେଠାରେ ନିଜର କୋଠା ନିର୍ମାଣ କରିଛି। କିନ୍ତୁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ।

ସୂଚନାଥାଉ କି, ରାଜ୍ୟ ସରକାର ବରୁଣେଇ ପାଦଦେଶରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କୋଠା ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ନୂତନ କୋଠାକୁ ଡିଆରଡିଏ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇଥିଲା। ଫଳରେ ପୁରୁଣା କୋଠାରେ ଏକ ତାଲିମ କେନ୍ଦ୍ର ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ୧୬.୮୪୦ ଡିସିମିଲ ଜାଗାକୁ ଇଡକୋକୁ ହସ୍ତାନ୍ତର କରିଥିଲେ। ଏହାର ଖାତା ନମ୍ବର ୭୮୭, ପ୍ଲଟ ନଂ. ୨୩୨୧ ମୌଜା ମୁକୁନ୍ଦପ୍ରସାଦ। ୨୦୦୬ ଡିସେମ୍ବର ୨୧ରେ ଇଡେକା ଚିଠି ନଂ.୫୫୪୭ ପ୍ରକାରେ ୧୦ଏକର ପରେ ୫.୦୦୮ ମୋଟ ୧୫.୦୦୮ ଡିସିମିଲ ଜାଗାକୁ ଏକ ଟ୍ରଷ୍ଟକୁ ପ୍ରଦାନ କରିଥିଲେ। ଉକ୍ତ ଟ୍ରଷ୍ଟ ଅଧୀନରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇଛି। ଅନ୍ୟପଟ ଡିଆରଡିଏଙ୍କ ନୂତନ କାର୍ଯ୍ୟାଳୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ପରେ ପୁରୁଣା ଡିଆରଡିଏ କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏହି କୋଠାକୁ ନିଜ ଅକ୍ତିଆରକୁ ନେବାକୁ ସମ୍ପୃକ୍ତ ଟ୍ରଷ୍ଟ ପଞ୍ଚାୟତିରାଜ ବିଭାଗର ଦ୍ୱାରସ୍ଥ ହୋଇଥିଲା। ୨୦୦୮ ମାର୍ଚ୍ଚ ୨୮ରେ ପଞ୍ଚାୟତିରାଜ ବିଭାଗ ୧ଏକର ଜାଗାରେ ରହିଥିବା ଡିଆରଡିଏ କୋଠା ଏବଂ ଜାଗାକୁ ଇଡେକା ମାଧ୍ୟମରେ ଉକ୍ତ ଟ୍ରଷ୍ଟ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେହିବର୍ଷ ପଞ୍ଚାୟତିରାଜ ବିଭାଗ ଉକ୍ତ ଟ୍ରଷ୍ଟକୁ ଏହି ଜାଗା ଓ ପ୍ରାସାଦକୁ ହସ୍ତାନ୍ତର ଲାଗି ଏହାର ମୂଲ୍ୟାୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ବିଭାଗ ପୁଣି ନିର୍ଦ୍ଦେଶନାମା ଜାରି କରିଥିଲେ ଯେ, ପୁରୁଣା ଡିଆରଡିଏ କୋଠାକୁ ଏକ ତାଲିମ କେନ୍ଦ୍ର କରାଯିବ। ଏହା ସମ୍ପୃକ୍ତ ଟ୍ରଷ୍ଟକୁ ଦିଆଯାଇପାରିବ ନାହିଁ। ଅନ୍ୟପଟେ ଉକ୍ତ ଟ୍ରଷ୍ଟ ଏହାର ପ୍ରତିବାଦରେ ଉପରୋକ୍ତ ଜାଗା ଓ ଡିଆରଡିଏ କୋଠା କାହିଁକି ଟ୍ରଷ୍ଟକୁ ଦିଆଯିବ ନାହିଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟଳୟ ଏହା ଉପରେ ରହିତାଦେଶ ଜାରି କରିଥିଲେ।

## ୧୬ରୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ

**କଟକ ଅଫିସ,୧୪।୧୨**

ଆସନ୍ତା ୧୬, ୧୭ ଓ ୧୮ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ୬୩ ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ ଅନୁଷ୍ଠିତ ହେବ। ୧୮ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭାଷଣ ଦେବା କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୩୫ ଅନ୍ତେବାସୀଙ୍କୁ ପୋଷ୍ୟସନ୍ତାନ ଗ୍ରହଣ

**ବାଲୁଗାଁ,୧୪।୧୨(ଡି.ଏନ୍.ଏ.)**

ରୋଟାରୀ କ୍ଲବ ଚିଲିକା-ବାଲୁଗାଁ ପକ୍ଷରୁ ନେହେରୁ ସେବା ସଂଘ ଅନାଥାଶ୍ରମ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୩୫ଜଣ ଅନାଥ ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ସେମାନଙ୍କୁ ପୋଷ୍ୟ କନ୍ୟାଭାବେ ଗ୍ରହଣ କରାଯାଇଥିବା କ୍ଲବ ସଭାପତି ରୋଟାରିଆନ ନମିତା ଝା କହିଛନ୍ତି। ଏହି ପ୍ରତିଯୋଗିତାକୁ ଆଶ୍ରମର ସମ୍ପାଦିକା ସରୋଜିନୀ ମହାପାତ୍ର, ବୀରେନ୍ଦ୍ର ତିପାଠୀ, ପ୍ରଦୀପ ଦାସ ଏବଂ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ। ସେହିପରି ଚିଲିକା-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଭୁବନେଶ୍ୱରସ୍ଥିତ ରୋଟାରି ଚକ୍ଷୁ ଚିକିତ୍ସାଳୟର ସହଯୋଗିତାରେ ସ୍ଥାନୀୟ ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ କଲ୍ୟାଣମଣ୍ଡପରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଭାଟପଡ଼ା ରାଜା ସାହେବ ମାନବେନ୍ଦ୍ର ମହାରଥା ଦଳବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ୬୫ଜଣ ଚିକିତ୍ସିତ ହେବା ସହ ୨୩ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇ ମାଗଣା ଅସ୍ତ୍ରୋପଚାର ନିମନ୍ତେ ଭୁବନେଶ୍ୱର ରୋଟାରି ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରୋଟାରିଆନ ଡ.ସୁରେନ୍ଦ୍ର ନାଥ ଦାସଙ୍କ ତତ୍ତ୍ୱାବଧାନରେ କ୍ଲବ ସଭାପତି ଝା, ସମ୍ପାଦକ ଗଜେନ୍ଦ୍ର ସେଠୀ, ସଭ୍ୟ ଭାଗୀରଥି ସ୍ୱାଇଁ, ଜାନକୀ ବଲ୍ଲଭ ପଟ୍ଟନାୟକ, ଅକ୍ଷୟ ମହାପାତ୍ର, ଭାରତୀ ପୁଷ୍ପସିଂହ ରାଠୋର ସୁଜାତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରେଭେନ୍‌ଶା ଇଷ୍ଟ ହଷ୍ଟେଲ ଶତବାର୍ଷିକୀ ପାଳନ ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍‌ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ଅଣାଯାଉଛି।

# କାଳିନ୍ଦୀ ଚରଣଙ୍କ ଜନ୍ମସ୍ଥାନରୁ ଆସିଲା ମାଟି

**ବାଲିପାଟଣା,୧୪।୧୨(ଡି.ଏନ୍.ଏ.)**

ରେଭେନ୍‌ଶା ଇଷ୍ଟ ହଷ୍ଟେଲ ଆସନ୍ତା ୨୪ ତାରିଖରେ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍‌ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତିସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ନିଆଯାଇଛି। ଏହି ହଷ୍ଟେଲର ଅନ୍ତେବାସୀ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ତେବାସୀମାନେ ଏକ ଶୋଭାଯାତ୍ରାରେ ବିଶ୍ୱନାଥପୁର ଛକରୁ ବାହାରି କାଳିନ୍ଦୀ ଚରଣଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ଏକ ମାଠିଆରେ ରଖାଯାଇଥିଲା। ପରେ ମନ୍ତ୍ରଧ୍ୱନିରେ ଜଳଶୁଦ୍ଧି କରି ନିଆଯାଇଥିଲା। ହଷ୍ଟେଲ ପ୍ରାଙ୍ଗଣରେ ସ୍ମୃତି ସ୍ତମ୍ଭ ସ୍ଥାପନା ସହ ବୃକ୍ଷରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲାପାଳ ମହାପାତ୍ର କହିଛନ୍ତି, କାଳିନ୍ଦୀ ଚରଣଙ୍କ ଜନ୍ମମାଟିର ଉନ୍ନତି ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବି। ଏହି ମାଟି ସଂଗ୍ରହ ଅଭିଯାନରେ ଆଲୁମ୍‌ନି କମିଟି ସମ୍ପାଦକ ପ୍ରତାପ କୁମାର ମହାନ୍ତି, ଶଶାଙ୍କ ଶେଖର ରାଉତ, ସନ୍ତୋଷ ସେଠୀ, ଶୁଭ୍ରାଂଶୁ ମିଶ୍ର, ଅମୃତ ସାହୁ, ସୁମୃତ ଶୁଭ୍ରମାନ ବିଶ୍ୱାଳ, ଦିବ୍ୟରଞ୍ଜନ, ଉମେଶ ଗଡ଼ନାୟକ, ଆଶିଷ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

# 'ବ୍ଲୁଇସ୍' ଆପ୍ ପାଇଁ ବିଡିଏକୁ ମିଳିବ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

**ଇ-ଗଭର୍ନାନ୍ସରେ ଓଡ଼ିଶାକୁ ସଫଳତା**

ଇ-ଗଭର୍ନାନ୍ସରେ ଓଡ଼ିଶାକୁ ସଫଳତା ମିଳିଛି। କେନ୍ଦ୍ର ସରକାରଙ୍କ ଇ-ଗଭର୍ନାନ୍ସ ବିଭାଗ ପକ୍ଷରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ବ୍ଲୁଇସ୍ ଆପ୍ ସ୍ୱର୍ଣ୍ଣ ପଦକ ପାଇବାକୁ ମନୋନୀତ ହୋଇଛି। ଆସନ୍ତା ଜାନୁଆରୀ ୭ ଓ ୮ତାରିଖରେ ହାଇଦ୍ରାବାଦରେ ହେବାକୁ ଥିବା ୨୪ତମ ଜାତୀୟସ୍ତରୀୟ ଇ-ଗଭର୍ନାନ୍ସ କର୍ମଶାଳାରେ ବିଡିଏକୁ ଏହି ପୁରସ୍କାର ଦିଆଯିବ। ଭୁବନେଶ୍ୱରରେ ଜମି ହଡ଼ପକୁ ରୋକିବା ପାଇଁ ବିଡିଏ, ସାଧାରଣ ପ୍ରଶାସନ ଏବଂ ଓରସାକ୍‌ର ମିଳିତ ସହଯୋଗରେ ପ୍ରସ୍ତୁତ ସ୍ୱତନ୍ତ୍ର ଆପ୍ 'ବ୍ଲୁଇସ୍' (ଭୁବନେଶ୍ୱର ଲ୍ୟାଣ୍ଡ୍ ୟୁଜର୍ସ ଇଣ୍ଟେଲିଜେନ୍ସ ସିଷ୍ଟମ୍)କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇଥିବାରୁ ଏବେ ଅନ୍ୟ ରାଜ୍ୟଗୁଡ଼ିକ ଏହି ଟେକ୍ନୋଲୋଜିକୁ ଆପଣେଇବେ ବୋଲି ଆଶା କରାଯାଉଛି।

ରାଜଧାନୀ ଭୁବନେଶ୍ୱରର ବହୁ ମୂଲ୍ୟ ଜମି ଉପରେ ଜମି ମାଫିଆ ଓ ବିଲ୍ଡରମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ତେଣୁ ସେମାନେ ସହରର ଅନେକ ଜମିକୁ ଜବରଦଖଲ କରିବା ପରେ ସେଠାରେ ବେଆଇନ୍ ନିର୍ମାଣ କରି ମାଲାମାଲ୍ ହେଉଛନ୍ତି। ଏହାକୁ ରୋକିବା ପାଇଁ ଏହି 'ବ୍ଲୁଇସ୍' ଆପ୍ ପ୍ରସ୍ତୁତ କରାଯାଇଛି। ଏହା ସାଟେଲାଇଟ୍ ଦ୍ୱାରା ସଂଯୁକ୍ତ କରୁଥିବାରୁ ଜବରଦଖଲ ନେଇ ତୁରନ୍ତ ସୂଚନା ମିଳି ପାରୁଛି। ଯାହାଫଳରେ ସରକାରୀ ଜମି ଜବରଦଖଲ ମୁକ୍ତ ହେବା ସହ ଚିହ୍ନଟ ପ୍ରକ୍ରିୟା ସହଜ ହେଉଛି। ଏ ସମ୍ପର୍କରେ ବିଡିଏ ସିଇଓ ସଞ୍ଜୟ କୁମାର ସିଂହ କହିଛନ୍ତି, ବ୍ଲୁଇସ୍ ଦ୍ୱାରା ସରକାରୀ ଜମି ଜବରଦଖଲ ହେଲେ ବା ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରାଗଲେ ସେ ସମ୍ପର୍କରେ ଜାଣିପାରୁଛୁ। ସାଟେଲାଇଟ୍ ଦ୍ୱାରା ଆମକୁ ଠିକ୍ ସୂଚନା ମିଳୁଛି। ସହରର ସବୁଆଡ଼େ ସ୍କାଡ୍ ନେଇ ବୁଲି ଜବରଦଖଲ ଦେଖିବା ସମ୍ଭବ ନୁହେଁ। ଏହାର ଫାଇଦା ଉଠାଇ କିଛି ଅସାମାଜିକ ଲୋକ ବେଆଇନ୍ ନିର୍ମାଣ କରୁଛନ୍ତି। ମାତ୍ର ଏବେ ସେ ସମସ୍ୟା ନାହିଁ। ବ୍ଲୁଇସ୍ ମାଧ୍ୟମରେ ସୂଚନା ପାଇବା ପରେ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଛି।

## ଅର୍ଜୁନପୁର କ୍ଲବ ଫାଇନାଲରେ

### ନୁରାନୀ କପ୍ କ୍ରିକେଟ ଟୁର୍ନାମେଣ୍ଟ

**ବେଗୁନିଆ,୧୪।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଖେଳପଡ଼ିଆରେ ଚାଲିଥିବା ନୁରାନୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଅଠାରଙ୍ଗ କ୍ଲବକୁ ହରାଇ ଅର୍ଜୁନପୁର କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଅର୍ଜୁନପୁର କ୍ଲବ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୬ ଓଭରରେ ୫ଉଇକେଟ ବିନିମୟରେ ୧୮୯ରନ ସଂଗ୍ରହ କରିଥିଲା। ଜବାବରେ ଅଠାରଙ୍ଗ କ୍ଲବ ୧୧.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅର୍ଜୁନପୁର କ୍ଲବର ଆଜାଦ ଖାନ ୪୪ବଲରେ ୯୬ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲା। ଏସ୍.କେ. ହାଲିମ ଓ ଫୈଜଲ ହୁସେନ ଖାନ ମ୍ୟାଚ ପରିଚାଳନା କରିଥିଲେ। ସଦାମ ହୁସେନ, ସାହାଜାଦ ଖାନ, ଏସ୍.କେ. ଅଜିଜ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କିରଣ



@ ବିଜୟ



@ ଗୀତା



@ ସୋନମ



@ ଚିଙ୍କୁ



@ ଆଶୁତୋଷ

## 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ଉନ୍ମୋଚିତ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ଯୁବ ସ୍ତମ୍ଭକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଲେଖିକାଙ୍କର ଏହା ପ୍ରଥମ ପୁସ୍ତକ ହୋଇଥିବାରୁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିବା ସହିତ ଆଗକୁ ଅଧିକ ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲେ। ଏଥିସହ ଲେଖିକା ଓଡ଼ିଶାର ମହିଳା ଓ ଶିଶୁମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଥିବା ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ପୁସ୍ତକରେ ମୋଟ ୪୦ଟି ଆଲେଖ୍ୟ ରହିଛି। ଏ ସମସ୍ତ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ରାଜଭବନ ପରିସରରେ ନିରାଡ଼ମ୍ବର ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଖିକା ଧଳଙ୍କ ସହିତ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ଧଳ, ପୁତ୍ର ଶିବମ୍, ମା' ନମିତା ପଟ୍ଟନାୟକ ଏବଂ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରୁଛନ୍ତି।



ରାଜ୍ୟରେ ହତ୍ୟାକାଣ୍ଡ, ଶିଶୁ ଚୋରି ଏବଂ ଅଙ୍ଗ ଚୋରା ଚାଲାଣ ଘଟଣାରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ୨୧ ପରିବାରର ସଦସ୍ୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି କିମ୍ବା ସିବିଆଇ ତଦନ୍ତ ଦାବିରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।



ସ୍ତମ୍ଭକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ'କୁ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ଯାଁଳା,୧୪।୧୨(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ରହୁଥିବା ଜଣେ ଛାତ୍ରଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସୁବାଳିଆ ଗ୍ରାମର ଦୀପକ ନାୟକ(୧୫)। ଯାଁଳାରେ ସେ ପରିବାର ସହ ରହୁଥିବା ବେଳେ ଦଶମ ଶ୍ରେଣୀର ଛାତ୍ର ଥିଲେ। ମାମୁ ରାଜେଶଙ୍କ କହିବା ଅନୁଯାୟୀ, ଦୀପକ ମଙ୍ଗଳବାର ଅପରାହ୍ନ ୩ଟା ୩୦ରେ ସାଙ୍ଗମାନଙ୍କ ସହିତ ଖେଳି ସାରି ଘରକୁ ଫେରିଥିଲା। ହଠାତ୍ ଘର ଗେଟ୍ ଆଗରେ ପଡ଼ିଯାଇଥିଲା। ଏହା ଦେଖି ପରିବାରଲୋକେ ଚିକିତ୍ସା ପାଇଁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଏମ୍ସ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**ଜଟଣୀ,୧୪।୧୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ବୈଦ୍ୟୁତିକ ବିଭାଗ ଦ୍ୱାରା ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳର ପ୍ରମୁଖ ରେଳ ଷ୍ଟେଶନ ଏବଂ କାର୍ଯ୍ୟାଳୟ, ଟ୍ରେନ୍ ଚଳାଚଳ ତଥା ସାଧାରଣ ବ୍ୟବହାରରେ ଶକ୍ତି ସଂରକ୍ଷଣ ବିଷୟରେ ପୋଷ୍ଟର ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ଶକ୍ତି ସଂରକ୍ଷଣର ମହତ୍ତ୍ୱ ବିଷୟରେ କର୍ମଚାରୀ ଓ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ କର୍ମଚାରୀମାନଙ୍କୁ ଶକ୍ତି ସଞ୍ଚୟ ପଦକ୍ଷେପ ବିଷୟରେ ଅବଗତ କରାଇବା ପାଇଁ ଟ୍ରାଫିକ୍ କଲୋନୀସ୍ଥିତ ଇଲେକ୍ଟ୍ରିକାଲ ବ୍ରେକ ଡାଉନ୍ କାର୍ଯ୍ୟାଳୟରେ ଏକ ସେମିନାର୍ ଆୟୋଜିତ କରାଯାଇଥିଲା। କର୍ମଚାରୀଙ୍କୁ ଶକ୍ତି ସଂରକ୍ଷଣ ଟିପ୍ସ ଅନୁସରଣ କରିବାକୁ ଏବଂ ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ରେଳ ବ୍ୟବହାରକାରୀଙ୍କୁ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ସେମିନାରରେ ସେକ୍ସନ୍ ଇଞ୍ଜିନିୟର୍ସ, ଜୁନିୟର ଇଞ୍ଜିନିୟର୍ସ ଏବଂ ଇଲେକ୍ଟ୍ରିକାଲ(ଜେନେରାଲ୍) ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

### ନ୍ୟାଯ୍ୟ ଦାବି ହାସଲ ପାଇଁ ଏକତା ହିଁ ବଳ

**ବୋଲଗଡ଼,୧୪।୧୨(ଡି.ଏନ୍.ଏ.):** ବୋଲଗଡ଼ ଡ୍ରାଇଭର ସଂଘର ଏକ ସାଧାରଣ ସଭା ସାଗରଗୁଆଁ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁକାନ୍ତ ବେହେରାଙ୍କ ପୌରୋହିତ୍ୟରେ ସରପଞ୍ଚ ସଦାଶିବ ରାୟଗୁରୁ ମୁଖ୍ୟ ଅତିଥି, ଡ୍ରାଇଭର ସଂଘର ଖୋର୍ଦ୍ଧା ଜିଲା ସଭାପତି ପ୍ରକାଶ ଚନ୍ଦ୍ର ମହାରଣା, ବିକାଶ ଜୟସିଂହ, ସଞ୍ଜୟ ଯାଦବ, ହେମନ୍ତ ସାହୁ, ମିଟୁ ପ୍ରଧାନ, ପ୍ରତାପ ଛୋଟରାୟ, ସବ୍ୟସାଚୀ ଦେବତା, ପ୍ରସନ୍ନ ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ନିକଟରେ ରାଜ୍ୟ ସରକାର ଡ୍ରାଇଭର ମହାସଂଘର ଅନେକ ଦାବି ପୂରଣ କରିଥିବାରୁ ସଂଘ ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ସମସ୍ତ ଡ୍ରାଇଭର ନ୍ୟାଯ୍ୟ ଦାବି ହାସଲ ତଥା ଅନ୍ୟାନ୍ୟ ଅନୁଷଙ୍ଗିକ ଅସୁବିଧା ଦୂରୀକରଣ ପାଇଁ ଐକ୍ୟବଦ୍ଧ ହୋଇ କାର୍ଯ୍ୟ କଲେ ସମ୍ଭବ ହୋଇପାରିବ ବୋଲି ଜିଲା ସଭାପତି ମହାରଣା କହିଛନ୍ତି। ସଂଘର କର୍ମକର୍ତ୍ତା ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାତିକରେ ୨ ଦୋକାନରୁ ଚୋରି

**ନିରାକାରପୁର,୧୪।୧୨(ଡି.ଏନ୍.ଏ.):** ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ବଜାରସ୍ଥିତ ଲୁଗା ଦୋକାନ ଓ ଭେରାଇଟି ଷ୍ଟୋରରୁ ରବିବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନିକଟରେ ଥିବା ସିସି କ୍ୟାମେରା ଯାଞ୍ଚ କରିଛି। ପୋଲିସ ପାଟ୍ରୋଲିଂ ଠିକ୍‌ରେ ହେଉ ନ ଥିବାରୁ ଚୋରି ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଚିଲିକାରୁ ୩୦ଏକର ସରୁ ଜାଲ ଉଚ୍ଛେଦ

**ବାଲୁଗାଁ,୧୪।୧୨(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବାଲୁଗାଁ ଚିଲିକା ତଟାଞ୍ଚଳରେ ବେଆଇନଭାବେ ଗଢ଼ି ଉଠିଥିବା ୩ଟି ମାଛ ଚାଷ ପୋଖରୀ ତଥା ୧ଏକର ମାଟି ବନ୍ଧ ଘେରି ସହ ନିଷିଦ୍ଧ ୩୦ଏକର ପରିବ୍ୟାପ୍ତ ସରୁ ଆଲିମ ଜାଲକୁ ଉଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଚିଲିକାରେ ସରୁ ଆଲିମ ଜାଲ ବ୍ୟବହାର ଦ୍ୱାରା ଛୋଟଛୋଟ ମାଛ ଏଥିରେ ପଡ଼ି ମୃତ୍ୟୁବରଣ କରିବା ଯୋଗୁ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ବାଧା ଉପୁଜୁଛି। କେତେଜଣ ଅଣମତ୍ସ୍ୟଜୀବୀ ବେଆଇନ ଭାବେ ଏହି ସରୁଜାଲ ବ୍ୟବହାର କରିବା ଫଳରେ ମତ୍ସ୍ୟଜୀବୀଙ୍କ ପରିବାର ପ୍ରତିପୋଷଣରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହି ସରୁଜାଲକୁ ଚିଲିକା ଜଳରାଶିରୁ ଉଚ୍ଛେଦ ନିମନ୍ତେ ମତ୍ସ୍ୟଜୀବୀଙ୍କ ପକ୍ଷରୁ ଦାବି ହେଉଥିଲା। ଏଥିସହ ବାଲୁଗାଁ ଚିଲିକା କୂଳ ଜେଟିଠାରୁ ରାହାଣବେଲୀ ଗ୍ରାମ ମଧ୍ୟରେ ବେଆଇନ ଭାବେ ଚିଲିକା ସଂଲଗ୍ନ ସରକାରୀ ଜମିରେ ଶହ ଶହ ଏକର ଘେରି ବନ୍ଧ କରି ମାଛଚାଷ ହେଉଥିବା ଯୋଗୁ ମତ୍ସ୍ୟଜୀବୀଙ୍କ ଜୀବିକା କ୍ଷେତ୍ରରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଉଚ୍ଚ ନ୍ୟାୟାଳୟ ଚିଲିକାରୁ ସମ୍ପୂର୍ଣ୍ଣ ସରୁଜାଲକୁ ନିଷିଦ୍ଧ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲଦାର ପୁନମ୍ ମହାପାତ୍ର, ବାଲୁଗାଁ ମତ୍ସ୍ୟ ସମ୍ପଦ ଅଧିକାରୀ ଶଶାଙ୍କ ଶେଖର ସାହୁ ଓ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ମିଳିତଭାବେ ଏକ ଟାସ୍କଫୋର୍ସ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ବାଲୁଗାଁ ଚିଲିକା ତଟାଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସ୍ଥାନୀୟ ରଘୁନାଥପୁର ସଂଲଗ୍ନ ଚିଲିକା ତଟରେ ବେଆଇନ ଭାବେ ସରକାରୀ ଜାଗାରେ ଗଢ଼ି ଉଠିଥିବା ୧ଏକର ମାଛ ଚାଷ ଘେରି ବନ୍ଧକୁ ଉଚ୍ଛେଦ କରିଥିଲେ। ଏଥିସହ ବାଲୁଗାଁ ନୂତନ ଜେଟିଠାରୁ କଳିଯୁଗେଶ୍ୱର ପାହାଡ଼ ମଧ୍ୟରେ ଚିଲିକା ହ୍ରଦରେ ମାଛ ମାରିବା ପାଇଁ ପଡ଼ିଥିବା ୩୦ଏକର ପରିବ୍ୟାପ୍ତ ଅଞ୍ଚଳରୁ ସରୁଜାଲକୁ ଜବତ କରିଥିଲେ। ଏହି ଉଚ୍ଛେଦ କାର୍ଯ୍ୟରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଦୁଇ ସେକ୍ସନ ଫୋର୍ସ ମୁତୟନ ହୋଇଥିଲେ।

## ଗଛକୁ ପିଟିଲା ବରଯାତ୍ରୀ ଗାଡ଼ି, ୫ ଆହତ

**ନିରାକାରପୁର,୧୪।୧୨(ଡି.ଏନ୍.ଏ.)**

ବିବାହ ଉତ୍ସବରୁ ଘରକୁ ଫେରୁଥିବା ବେଳେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ନିକଟରେ ଏକ ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଗଛରେ ଗାଡ଼ିଟି ପିଟି ହେବାରୁ ଚାଳକଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ସେଥିରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଭୁବନେଶ୍ୱରର ଏକ ମେଡିକାଲରେ ଗୁରୁତରମାନେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମର ବରଯାତ୍ରୀ ନୟାଗଡ଼ ଜିଲା ଚାନ୍ଦପୁରସ୍ଥିତ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ସୋମବାର ରାତି ପ୍ରାୟ ୨ଟାରେ ବରଯାତ୍ରୀମାନେ ଏକ ବୋଲେରୋ(ଓଡି୦୨ ଏୱାଇ ୭୦୩୫)ରେ ଘରକୁ ଫେରୁଥିବା ବେଳେ ଜଙ୍କିଆ ଥାନା ନିକଟ ଆମ୍ବ ଗଛରେ ପିଟି ହୋଇଯାଇଥିଲା। ଫଳରେ ଚାଳକଙ୍କ ସମେତ ୫ଜଣ ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚିବା ପୂର୍ବରୁ ଆହତମାନେ ମେଡିକାଲ ପଳାଇଥିଲେ ବୋଲି ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।





ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦୋକାନ ଭଙ୍ଗା ବନ୍ଦ ଓ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଉଛି।

## ସ୍ୱଚ୍ଛତା ପକ୍ଷ ସଚେତନତା ପଦଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୧୪।୧୨(ଡି.ଏନ୍.ଏ.)**

ଟାଙ୍ଗୀର ବଳରାମ ଦେବ ବିଦ୍ୟାପୀଠ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ଏକ ଜନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ ଗାଇଡ, ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନେ ପରିବେଶ ସ୍ୱଚ୍ଛତା ସମ୍ପର୍କରେ ସ୍ଲୋଗାନ ଦେଇ ପଦଯାତ୍ରାରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବଳବନ୍ତରାୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇ, କ୍ରୀଡ଼ା ଶିକ୍ଷକ ଦିଲୀପ କୁମାର ମୋଡ଼ି ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧରେ ଡମଣଭୂଇ ସରକାରୀ ଉଚ୍ଚ ବିଦ୍ୟାଳୟର ଅର୍ପିତା ଗୁଣ୍ଡ, ଚିତ୍ରାଙ୍କନରେ ବଳରାମ ଦେବ ବିଦ୍ୟାପୀଠର ସତ୍ୟମ ଚିତ୍ତରଞ୍ଜନ ସାହୁ ପ୍ରଥମ ସ୍ଥାନ ହାସଲ କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆନ୍ତଃ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ବାଲୁଗାଁ,୧୪।୧୨(ଡି.ଏନ୍.ଏ.)**

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ବକ୍ତା ଓ ଅତିଥିଭାବେ ସାମାଜିକ କର୍ମୀ ଶ୍ରୀ ସୋମ୍, ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ, ସରୋଜିନୀ ଦାସ, ଓମ୍ ପ୍ରକାଶ ଅଗ୍ରୱାଲ, ମାନସ ବାରିକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ପକ୍ଷୀ ସୁରକ୍ଷା ଚିଲିକା ରକ୍ଷା, ଚିଲିକାର ଜୈବବିବିଧତା, ଅଙ୍ଗଦାନ, ପଞ୍ଚାୟତ ବ୍ୟବସ୍ଥା, ସାମାଜିକ ସଦ୍‌ଭାବନା, ଯୁବ ନେତୃତ୍ୱ ଓ ଉତ୍ତମ ଶାରୀରିକ ଗଠନରେ ଯୋଗର ଉପଦେୟତା ବିଷୟରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଇଥିଲେ। ମଙ୍ଗଳବାର ମହାବିଦ୍ୟାଳୟ ଅଧ୍ୟକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ପରିବେଶରେ ବୃକ୍ଷରୋପଣର ମହନୀୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଡ. ଲକ୍ଷ୍ମୀଧର ସୁବୁଦ୍ଧି ବିବରଣୀ ପ୍ରଦାନ କରିଥିବା ବେଳେ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶିବିରର ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉମାମହେଶ୍ୱର ଦେବଙ୍କ ନୂତନ ଟ୍ରଷ୍ଟ ବୋର୍ଡକୁ ବିରୋଧ



ସଭାରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

**ବାଲୁଗାଁ,୧୪।୧୨(ଡି.ଏନ୍.ଏ.)**

ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ଉମାମହେଶ୍ୱର ଦେବଙ୍କ ମନ୍ଦିରରେ ନୂତନ ଟ୍ରଷ୍ଟ ବୋର୍ଡ ଗଠନକୁ ନେଇ ବିବାଦ ଉପୁଜିଛି। ଫଳରେ ପ୍ରଶାସନ ପକ୍ଷରୁ ଗତ ୧୧ତାରିଖରୁ ଉକ୍ତ ମନ୍ଦିର ପରିସର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଠାକୁରଙ୍କ ଦର୍ଶନ ନ ପାଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଟ୍ରଷ୍ଟ ବୋର୍ଡ ରାଜନୈତିକ ଉଦ୍ଦେଶ୍ୟମୂଳକ ଭାବେ ଗଠନ ହୋଇଥିବାରୁ ଏପରି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ମଙ୍ଗଳବାର ଅଠର ଖଣ୍ଡ ମୌଜାର ଗ୍ରାମ ମୁଖିଆଙ୍କ ସମେତ ବାଲୁଗାଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକ ସ୍ଥାନୀୟ ଅଶୋକନଗରସ୍ଥିତ ବଣିକସଂଘ ସଭାଗୃହରେ ଏକ ସଭାର ଆୟୋଜନ କରିଥିଲେ। ଏଥିରେ ମନ୍ଦିରର ସାମୂହିକ ଉନ୍ନତି ଦୃଷ୍ଟିରୁ ସର୍ବସମ୍ମତିକ୍ରମେ ଉମାମହେଶ୍ୱର ଦେବ ସୁରକ୍ଷା ମଞ୍ଚ ଗଠନ କରାଯାଇଛି। ଏହି ମଞ୍ଚ ମାଧ୍ୟମରେ ନୂତନ ଟ୍ରଷ୍ଟ ବୋର୍ଡ ବିରୋଧରେ ଦେବୋତ୍ତର କମିଶନଙ୍କୁ ପ୍ରତିବାଦ ସ୍ୱରୂପ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିବାରୁ ତିନି ଦିନ ହେବ ଠାକୁରଙ୍କୁ ପୂଜାର୍ଚ୍ଚନା ନ କରିପାରି ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ମଧ୍ୟରେ ମୋଟ ୫ଜଣ ସେବାୟତ ଓ ପୂଜକଙ୍କୁ ନେଇ ଦୈନିକ ନୀତିକାନ୍ତି ପୂଜା ହେଉଛି। ଦୈନନ୍ଦିନ ଶହଶହ ଶ୍ରଦ୍ଧାଳୁ ଏଠାରେ ଭୋଗ ଲାଗି କରିଥାନ୍ତି। ତେବେ ଜିଲା ପ୍ରଶାସନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ବିବାଦର ସମାଧାନ କରିବା ପାଇଁ ଭକ୍ତଙ୍କ ମହଲରେ ଦାବି ହୋଇଛି।

## ପାଠପଢ଼ା ସହ ସ୍ୱଚ୍ଛତାକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୪।୧୨**

### ଶ୍ମଶାନକୁ ଉଦ୍ୟାନ କରିଛନ୍ତି ବିଶ୍ୱନାଥ



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ବିଶ୍ୱନାଥ ମାର୍ଥା। ପେସାରେ ଜଣେ ସୂକ୍ଷ୍ମ ମୂର୍ତ୍ତି କାରିଗର। କିନ୍ତୁ ତାଙ୍କର ଚିନ୍ତାଧାରା ଅତି ଉଚ୍ଚକୋଟୀର। ମୂର୍ତ୍ତି ନିର୍ମାଣ ସହ ପରିବେଶ ସୁରକ୍ଷା ଏବଂ ଗ୍ରାମର କୁନି କୁନି ପିଲାଙ୍କୁ ଶିକ୍ଷାଦାନ କରିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି। ଗାଁ ମାଟି କାନ୍ଥରେ କଳାପଟା ଝୁଲାଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ବିଶ୍ୱନାଥଙ୍କ କହିବାନୁଯାୟୀ, କରୋନା ସମୟରେ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଗଲା। ବହୁ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପରିବାର ନିକଟରେ ମୋବାଇଲ ଫୋନ ନ ଥିବାରୁ ପାଠପଢ଼ାରୁ ବଞ୍ଚିତ ହେଲେ। ଏହା ତାଙ୍କୁ ବିଚଳିତ କରିଥିଲା। ପିଲାମାନେ ପାଠପଢ଼ାରୁ ଯେପରି ବିଚ୍ୟୁତ ନ ହୁଅନ୍ତୁ, ଏଥିଲାଗି ସେ ପାଠ ପଢ଼ାଇବା ଆରମ୍ଭ କରିଥିଲେ। ଗାଁ ଦାଣ୍ଡରେ ପିଲାଙ୍କୁ ଏକାଠି କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନିଶୁଳ୍କ ଶିକ୍ଷାଦାନ କରୁଛନ୍ତି। ଗ୍ରାମର ଏକାଧିକ ଆଦିବାସୀ ପରିବାର ମୂଲ ଲାଗି ପରିବାର ପୋଷଣ କରୁଛନ୍ତି। ଏମାନଙ୍କ ପିଲାମାନେ ଯେପରି ପାଠପଢ଼ାରୁ ବଞ୍ଚିତ ନ ହୁଅନ୍ତୁ, ସେଥିଲାଗି ଗାଁରେ ମୁକ୍ତ ପାଠଶାଳା ଖୋଲିଥିବା ସେ କହିଛନ୍ତି। ନିଜ ରୋଜଗାର ଅର୍ଥରେ ସ୍ଲେଟ, ଖଡି, ଖାତା, ପେନ୍‌ସିଲ, ରବର, କଲମ ଆଦି କିଣି ପିଲାଙ୍କୁ ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରୁଛନ୍ତି। ଏବେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି। ପିଲାଙ୍କୁ ନିଃଶୁଳ୍କ ପାଠ ପଢ଼ାଇବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଛନ୍ତି। ପାଠପଢ଼ା ସହିତ ନିଜ ଅଞ୍ଚଳର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥାନ୍ତି। ଶ୍ମଶାନ ପ୍ରତି ଲୋକଙ୍କ ମନରେ ଭୟ ରହିଥିବା ବେଳେ ଏହାକୁ ସେ ଉଦ୍ୟାନରେ ପରିଣତ କରିଛନ୍ତି। ଶ୍ମଶାନରେ ବିଭିନ୍ନ ଔଷଧୀୟ ବୃକ୍ଷ ସହ ଫୁଲଚାରା ଲଗାଇଛନ୍ତି। ଏହା ପରିବେଶର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଜଣେ ପ୍ରକୃତିପ୍ରେମୀ ଭାବେ ୨୦୨୦ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ 'ପ୍ରକୃତି ବନ୍ଧୁ' ସମ୍ମାନରେ ସମ୍ମାନିତ ହୋଇଛନ୍ତି।

## ଧାନର ମାନ ପରଖିଲେ କ୍ଷେତ୍ର ପରିଦର୍ଶକ

**ନିରାକାରପୁର,୧୪।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା କୃଷି ପରିସଂଖ୍ୟାନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିରାକାରପୁର ପଞ୍ଚାୟତର ନନପଡା ଭୂଷଣ୍ଡ ମୌଜାକୁ ପରିସଂଖ୍ୟାନ କ୍ଷେତ୍ର ପରିଦର୍ଶକ ଦୀନବନ୍ଧୁ କର(ଅବସରପ୍ରାପ୍ତ), ଟାଙ୍ଗୀ ବ୍ଲକ୍ କ୍ଷେତ୍ର ପରିଦର୍ଶକ ନୁପେନ ସାହୁ, ଫସଲ ବୀମା କର୍ମଚାରୀ ସନାତନ ବାରିକ ପ୍ରମୁଖ ଉପଗ୍ରହ ମାଧ୍ୟମରେ ଚିତ୍ରଉତ୍ତୋଳନ କରାଯାଇଥିବା ପ୍ଲଟକୁ ଯାଇ ଚାଷୀଙ୍କ ଦ୍ୱାରା କଟାଯାଇଥିବା ଧାନ ବାହାର କରି ଓଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରାକାରପୁର ସମିତି ସଭ୍ୟ ତଥା ଚାଷୀ ବିପିନ କୁମାର ଜୟସିଂହ,ଗାଣ୍ଟୁ ବଳିଆର ସିଂହ, ସନ୍ତୋଷ ବେହେରା, ଶାନ୍ତନୁ ସାହୁ, ସୁଶାନ୍ତ ପ୍ରଧାନ, କପିଳେଶ୍ୱର ସିଂହଙ୍କ ସମେତ ଅନ୍ୟାନ୍ୟ ଚାଷୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ରୂପାନ୍ତର ପ୍ରସ୍ତୁତି ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୧୪।୧୨(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡି ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟର ରୂପରେଖ ବଦଳିବ। ଦ୍ୱିତୀୟ ପର୍ଯ୍ୟାୟରେ ଏହି ବିଦ୍ୟାଳୟ ରୂପାନ୍ତର ଲାଗି ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଛାତ୍ର ସଂଘର ସଭାପତି ଡ. ଚନ୍ଦ୍ରଶେଖର ଦାଶଙ୍କ ସମେତ ବହୁ ବୁଦ୍ଧିଜୀବୀ, ଅଭିଭାବକ, ପୁରାତନ ଛାତ୍ର ଯୋଗଦେଇଥିଲେ। ସ୍ମାର୍ଟ କ୍ଲାସ ରୁମ୍, ଅତ୍ୟାଧୁନିକ ଲାବୋରେଟୋରି, ଇ-ଲାଇବ୍ରେରୀ, ପାନୀୟଜଳ, ମୁଖ୍ୟ ଫାଟକ ତୋରଣ, ଖେଳ ପଡିଆର ଉନ୍ନତୀକରଣ କରାଯିବା ପାଇଁ ଆଲୋଚନା ହୋଇଥିଲା। ସରକାରଙ୍କ ପକ୍ଷରୁ ୪୫ଲକ୍ଷ ଅନୁଦାନ ମିଳିଥିବାରୁ ପୂର୍ବତନ ଜିଲାପରିଷଦ ସଭ୍ୟ ରଘୁନାଥ ବେହେରା ଧନ୍ୟବାଦ ଦେଇଥିଲେ।

## ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ କର୍ମଶାଳା

**କୃଷ୍ଣପ୍ରସାଦ,୧୪।୧୨(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡା ଭୋଇସାହିରେ ଏଫିକୋର ସଂସ୍ଥା ବ୍ରହ୍ମଗିରି ଶାଖା ପକ୍ଷରୁ ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂସ୍ଥା ପ୍ରକଳ୍ପ ପରିଚାଳକ ବିରାଜ କିଶୋର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅତିଥିଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶକ୍ତିପଦ ମିଶ୍ର ପ୍ରମୁଖ ଯୋଗଦେଇ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାତପଡା ଭୋଇସାହି, ଇଚ୍ଛାପୁର ଭୋଇସାହି, ନୂଆଗାଁ ଭୋଇସାହି, ନାଉବାଡି ଆଦି ଗ୍ରାମର ଅଭିଭାବକଙ୍କ ସମେତ ୫୦ଜଣ ଶିଶୁ ଏଥିରେ ଅଂଶଗ୍ରହଣ କରିଥିଲେ। ଏଫିକୋର ବ୍ରହ୍ମଗିରି ଶାଖା ପ୍ରକଳ୍ପ ପରିଚାଳକ ବିରଜା କିଶୋର ଶିଶୁଙ୍କ ସୁରକ୍ଷା ଦିଗରେ ସଚେତନ କରାଇଥିଲେ। ଏଫିକୋର କର୍ମଚାରୀ ସୁଜଳ ଲିମା, ଗୋଷ୍ଠୀ ଆୟୋଜକ ଗୌରୀ ଭୋଇ, ମିତା ପାହାଣ, ଅଜୟ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂସ୍ଥା ପକ୍ଷରୁ ସମସ୍ତଙ୍କୁ ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା ପ୍ଲାକାର୍ଡ ଦିଆଯାଇଥିଲା।



ଭୁବନେଶ୍ୱର କଂଗ୍ରେସ ଭବନରେ କର୍ମୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ମଙ୍ଗଳବାର ପୁରୀ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।





କଟକ ଏସ୍‌ପି ଅଫିସ ସମ୍ମୁଖରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟ ଭିତରକୁ ମଙ୍ଗଳବାର ଛାତ୍ର କଂଗ୍ରେସ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ଅଟକାଉଛି ।

## ଆଜି କ'ଣ କେଉଁଠି

କଟକ

- ଅଟଳ ଟିଙ୍କରିଂ ଲ୍ୟାବ୍‌ର ଉଦ୍‌ଘାଟନ ଉତ୍ସବ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସେକ୍ଟର-୯, ମର୍କତନଗର, ସକାଳ ୯ଟା ୩୦।
- ଇ-ଅଫିସ ଉଦ୍‌ଘାଟନ, ସିଣ୍ଡିକେଟ ହଲ୍ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ସାହିତ୍ୟ ସଂସଦ ପକ୍ଷରୁ ୬୨ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନର ଉଦ୍‌ଘାଟନ, କାଳୀଭବନ, ଖାନନଗର, ଅପରାହ୍ନ ୫ଟା।

## ସଂକ୍ଷେପରେ

### ୧୬ରୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ

କଟକ ଅଫିସ,୧୪।୧୨: ଆସନ୍ତା ୧୬, ୧୭ ଓ ୧୮ ତାରିଖରେ ଭିଡିଓ କନଫରେନ୍ସ ମାଧମରେ ୬୩ ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମେଳନ ଅନୁଷ୍ଠିତ ହେବ। ୧୮ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭାଷଣ ଦେବା କାର୍ଯ୍ୟକ୍ରମ ରହିଛି। ଏନେଇ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଆନ୍ତଃ ମହାବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତା

କଣ୍ଟାପଡା, ୧୪।୧୨(ଡି.ଏନ୍.ଏ.): ଅଡଶପୁରସ୍ଥିତ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥ ସନ୍ତରଣ କେନ୍ଦ୍ରରେ ଆନ୍ତଃ ମହାବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର ବାଳିକା ବିଭାଗରେ ସାଇ ଇଣ୍ଟରନ୍ୟାଶନାଲ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ଦୟାବିହାର ମହାବିଦ୍ୟାଳୟ ରନର୍ସଅପ ହୋଇଛି। ସେହିପରି ବାଳକ ବିଭାଗରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ଓ ଗାୟତ୍ରୀ ବିଜ୍ଞାନ ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ୧୨ଟି ମହାବିଦ୍ୟାଳୟର ୧୬ଜଣ ଛାତ୍ରୀ ଓ ୨୫ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଆରାଧ ପ୍ରଧାନ, ସନ୍ତରଣ ପ୍ରଶିକ୍ଷକ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଜିମ୍ ପ୍ରଶିକ୍ଷକ ବିଶ୍ୱରଞ୍ଜନ ନାୟକ, ସନ୍ତୋଷ ମାଝି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ସବୁଜ ପୃଥିବୀ ସୃଷ୍ଟି ଶୀର୍ଷକ କର୍ମଶାଳା

ଚୌଦ୍ୱାର, ୧୪।୧୨(ଡି.ଏନ୍.ଏ.): ଚୌଦ୍ୱାର ହାଉସିଂ ବୋର୍ଡସ୍ଥିତ ଯଯାତି କେଶରୀ କ୍ଲବ ପରିସରରେ ଉତ୍ତମ ଖାଦ୍ୟ ସହ ସବୁଜ ପୃଥିବୀ ସୃଷ୍ଟି ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ପରିବେଶ ବିଜ୍ଞାନୀ ଡ. ପ୍ରଦୀପ୍ତ ନାୟକ, ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ରାଜ୍ୟ ସଂଯୋଜକ ଭରତ ଚନ୍ଦ୍ର ଜେନା, ମିଶନଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜିକା ଗଙ୍ଗୋତ୍ରୀ ଦଳେଇ, ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରୀନ୍ ୱାରିୟର-୨୦୨୧ ଭାବେ ନୃସିଂହ ଚରଣ ଭୂୟାଁ ଓ ସୌଦାମିନୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭେନ୍ଦୁ ସାମଲ ଧନ୍ୟବାଦ ଦେଇଥିଲେ।

# ଯବାନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**କଟକ ଅଫିସ,୧୪।୧୨**

- ■ଡିଜିପି ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା
- ■ନ୍ୟାୟ ନ ମିଳିଲେ ଆତ୍ମହତ୍ୟା ଚେତାବନୀ

ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଜଣେ ମହିଳା ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ମହିଳା ଜଣକ ନିଜର ୨ ଶିଶୁଙ୍କୁ ଧରି ମଙ୍ଗଳବାର କଟକସ୍ଥିତ ଡିଜିପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ତୁରନ୍ତ ନ୍ୟାୟ ପ୍ରଦାନ ସହ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଦଣ୍ଡ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୮ ତାରିଖ ସନ୍ଧ୍ୟାରେ ରମ୍ଭା ଅଞ୍ଚଳର ମହିଳା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଓଡ଼ିଶା ସ୍ପେଶାଲ ଆର୍ମ୍ଡ ପୋଲିସ(ଓଏସ୍ଏପି) ତୃତୀୟ ବାଟାଲିୟନର ଜଣେ ଯବାନ ତାଙ୍କ ଘରେ ପଶି ଦୁର୍ବ୍ୟବହାର ସହ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ସମ୍ପୃକ୍ତ ଯବାନଙ୍କୁ ଅଟକ ରଖିବା ସହ ମହିଳାଙ୍କ ଡାକ୍ତରୀ ମାଇନା କରାଇଥିଲା। ପରେ ପୋଲିସ ଉକ୍ତ ଯବାନଙ୍କୁ ଛାଡି ଦେଇଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ପାଇଁ ସେ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଭାଷା ଆନ୍ଦୋଳନରେ ନୀଳମଣିଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ, ୧୪।୧୨**

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ସ୍ଥାନୀୟ ପଢିଆରୀ ପାଠାଗାରଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ କହିଥିଲେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଭାଷା ଆନ୍ଦୋଳନ ଓ ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ନୀଳମଣିଙ୍କ ଅବଦାନ ଅତୁଳନୀୟ। ତାଙ୍କର ଅସାମାନ୍ୟ ପାଣ୍ଡିତ୍ୟ, କାଳଜୟୀ ସୃଷ୍ଟି ଏବଂ ଜନଜାଗରଣର ଅଖଣ୍ଡ କୌଶଳ ପାଇଁ ତତ୍କାଳୀନ ବଡମ୍ବା ମହାରାଣୀ ତାଙ୍କୁ ବିଦ୍ୟାରତ୍ନ ଉପାଧିରେ ଭୂଷିତ କରିଥିଲେ। ସେହିପରି ତାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଗୁଡିକ ମଧ୍ୟରେ ପ୍ରତିଭା ପୂଜା, ପଶୁ ହତ୍ୟା, ଗୋଧନ ରକ୍ଷା, ପଖାଳ ଭାତ ଆଦି ଅନ୍ୟତମ। ନୀଳମଣିଙ୍କ କୃତି ଓ କୃତିତ୍ୱ ଆଗାମୀ ବଂଶଧରଙ୍କ ପାଇଁ ଅନୁକରଣୀୟ ଆଦର୍ଶ ଭାବେ ପରିଗଣିତ ହେବ ବୋଲି ମହାପାତ୍ର ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଲକ୍ଷ୍ମଣ କୁମାର ବେହେରା, ଅଭିରାମ ଦାସ, ଦିଲୀପ କୁମାର ସିହ୍ନା, ବିଶ୍ୱମୋହନ ମହାପାତ୍ର, ତାପସ କୁମାର ଓଝା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।



ରେଭେନ୍‌ଶା ଇଷ୍ଟ ହଷ୍ଟେଲ ଶତବାର୍ଷିକୀ ପାଳନ ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ଅଣାଯାଉଛି।

## କାଳିନ୍ଦୀ ଚରଣଙ୍କ ଜନ୍ମସ୍ଥାନରୁ ଆସିଲା ମାଟି

**ବାଲିପାଟଣା,୧୪।୧୨(ଡି.ଏନ୍.ଏ.)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ଆସନ୍ତା ୨୪ ତାରିଖରେ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଉପଲକ୍ଷେ ମଙ୍ଗଳବାର ଇଷ୍ଟ ହଷ୍ଟେଲ ଆଲୁମ୍ନି କମିଟି ପକ୍ଷରୁ ସାହିତ୍ୟ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବିଶ୍ୱନାଥପୁର ଗ୍ରାମସ୍ଥିତ ଜନ୍ମସ୍ଥାନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ନିଆଯାଇଛି। ଏହି ହଷ୍ଟେଲର ଅନ୍ତେବାସୀ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ତେବାସୀମାନେ ଏକ ଶୋଭାଯାତ୍ରାରେ ବିଶ୍ୱନାଥପୁର ଛକରୁ ବାହାରି କାଳିନ୍ଦୀ ଚରଣଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ଏକ ମାଠିଆରେ ରଖାଯାଇଥିଲା। ପରେ ମନ୍ତ୍ରଧ୍ୱନିରେ ଜଳଶୁଦ୍ଧି କରି ନିଆଯାଇଥିଲା। ହଷ୍ଟେଲ ପ୍ରାଙ୍ଗଣରେ ସ୍ମୃତି ସ୍ତମ୍ଭ ସ୍ଥାପନା ସହ ବୃକ୍ଷରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲାପାଳ ମହାପାତ୍ର କହିଛନ୍ତି, କାଳିନ୍ଦୀ ଚରଣଙ୍କ ଜନ୍ମମାଟିର ଉନ୍ନତି ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବି। ଏହି ମାଟି ସଂଗ୍ରହ ଅଭିଯାନରେ ଆଲୁମ୍ନି କମିଟି ସମ୍ପାଦକ ପ୍ରତାପ କୁମାର ମହାନ୍ତି, ଶଶାଙ୍କ ଶେଖର ରାଉତ, ସନ୍ତୋଷ ସେଠୀ, ଶୁଭ୍ରାଂଶୁ ମିଶ୍ର, ଅମୃତ ସାହୁ, ସୁମୃତ ଶୁଭ୍ରମାନ ବିଶ୍ୱାଳ, ଦିବ୍ୟରଞ୍ଜନ, ଉମେଶ ଗଡ଼ନାୟକ, ଆଶିଷ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

## ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧୪।୧୨**




ଅଲ୍ ଓଡ଼ିଶା ଆମିଷ ବ୍ୟବସାୟିକ ମହାସଂଘ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ନିଷ୍କାସନ ହୋଇପାରୁନି ନାଳପାଣି**

- ■ସୃଷ୍ଟି ହେଉଛି ଦୁର୍ଗନ୍ଧମୟ ପରିବେଶ
- ■ଅତ୍ୟାଧୁନିକ ମାଂସ ମାର୍କେଟ ନିର୍ମାଣ ଦାବି

ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଆମିଷ ବ୍ୟବସାୟିକ ମହାସଂଘ ପକ୍ଷରୁ ମଙ୍ଗଳବାର କଟକ ମହାନଗ ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ କମିଶନରଙ୍କ ଉଦ୍ଦେଶ୍ୟରେ ଷ୍ଟେନୋଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସିଏମ୍‌ସି ୫୪ନଂ. ୱାର୍ଡ ନେହେରୁପଲ୍ଲୀ କିଲ୍‌ଖାନା ନିକଟରେ ବହୁବର୍ଷ ଧରି ନାଳରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ସେଠାରେ ଦୁର୍ଗନ୍ଧ ହେଉଛି। ଏଥିଯୋଗୁ ମାଂସ କିଣିବାକୁ ଆସୁଥିବା ଗ୍ରାହକମାନେ ଅସନ୍ତୁଷ୍ଟ ହେଉଛନ୍ତି। ସେହିପରି ଉକ୍ତ ସ୍ଥାନରେ କୁଷ୍ଠାଶ୍ରମ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକମାନେ ଯାତାୟାତ କରୁଛନ୍ତି। ତୁରନ୍ତ ନାଳପାଣି ନିଷ୍କାସନ, ପ୍ରତିଦିନ ବର୍ଜ୍ୟବସ୍ତୁ ସଫା କରିବା ଓ ଅତ୍ୟାଧୁନିକ ମାଂସ ମାର୍କେଟ୍ ନିର୍ମାଣ ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଆର୍‌ଡିସି ଅଫିସ୍ ଘେରାଉ କରାଯିବ ବୋଲି ମହାସଂଘର ରାଜ୍ୟ ସଭାପତି ସେଖ୍ ମୁନ୍ତାକିମ ବକ୍ସ କହିଛନ୍ତି। କ୍ଷୀରେନ୍ଦ୍ର କୁମାର ବେହେରା, ସେଖ୍ ହାସିମ୍, ରମଜାନ ଅଲ୍ଲୀ, ମୀର ଇକ୍‌ବାଲ ଅଲ୍ଲୀ, ସଫିକୁଲ ରହେମାନ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## '୨ ଗ୍ରହ ମଧ୍ୟରେ ଦୂରତା ମାପିପାରୁଥିଲେ ପଠାଣି ସାମନ୍ତ'

**କଟକ ଅଫିସ, ୧୪।୧୨**

ପଠାଣି ସାମନ୍ତ ଜୟନ୍ତୀ ଉପଲକ୍ଷେ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଗଠିତ 'ଓଡ଼ିଆ ଇଣ୍ଟେଲେକ୍‌ଚୁଆଲ ଫୋରମ୍' ପକ୍ଷରୁ ଆଷ୍ଟ୍ରୋମେଟ୍ରି ଫ୍ରମ୍ ପଠାଣି ସାମନ୍ତସ୍ ସିଦ୍ଧାନ୍ତ ଦର୍ପଣ ଟୁ ନାସାସ୍ ହବଲ୍ ସ୍ପେସ୍ ଟେଲିସ୍କୋପ ଶୀର୍ଷକ ଏକ ଆଭାସି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକା ୱାଲ୍ଟିମୋରସ୍ଥିତ ସ୍ପେସ୍ ଟେଲିସ୍କୋପ୍ ସାଇନ୍ସ ଇନଷ୍ଟିଚ୍ୟୁଟ୍‌ର ପ୍ରଫେସର କୈଳାସ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ପଠାଣି ସାମନ୍ତ ବାଉଁଶନଳୀରେ ଗ୍ରହନକ୍ଷତ୍ରଙ୍କ ଅବସ୍ଥାନ ଜାଣିପାରୁଥିଲେ। ସେ ମହାନ୍ ଗଣିତଜ୍ଞ ଥିଲେ। ନିଜର ବୌଦ୍ଧିକ ଜ୍ଞାନର ଉପଯୋଗ କରି ଦୁଇ ଗ୍ରହ ମଧ୍ୟରେ ଦୂରତା ମାପି ପାରୁଥିଲେ ବୋଲି ସାହୁ କହିଥିଲେ। ଏହି ଆଲୋଚନାଚକ୍ରରେ ଭାରତରେ ଥିବା ବିଭିନ୍ନ ଆଇଆଇଟି, ନାଇଜର୍, ଆଇଜର୍, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଗବେଷଣା ସଂସ୍ଥା ସହିତ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜାପାନ, ଇସ୍ରାଏଲ୍‌ରେ ଥିବା ପ୍ରବାସୀ ଓଡ଼ିଆ ବୈଜ୍ଞାନିକ ଏବଂ ଗବେଷକମାନେ ଯୋଗ ଦେଇଥିଲେ। ମନ୍ଦାକିନୀ ପାଢୀ ଅତିଥି ପରିଚୟ ପ୍ରଦାନ ଓ ଡ. ଦୀପାଳି ମିଶ୍ର ଧନ୍ୟବାଦ ଦେଇଥିଲେ।

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

## କ୍ୱାର୍ଟର ଫାଇନାଲରେ ନୟାଗଡ଼ ବିଜୟୀ

**ତିଗିରିଆ,୧୪।୧୨( ଡି.ଏନ.ଏ )**

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରାଗାନ୍ଧୀ ମିନିଷ୍ଟାଡିୟମରେ ଯୁବଜ୍ୟୋତି କ୍ଲବ ପକ୍ଷରୁ ଚାଲିଥିବା ୧୫ତମ ଫଲ୍ଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଯୁବଜ୍ୟୋତି କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ନୟାଗଡ ଇଲେଭେନ ସେମିଫାଇନାଲରେ ପ୍ରବେଶ କରିଛି । ନୟାଗଡ ଦଳ ତରଫରୁ ମ୍ୟାଚର ପ୍ରଥମାର୍ଦ୍ଧରେ ଓ ଦ୍ୱିତିୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲସ୍କୋର କରାଯାଇଥିବାବେଳେ ଯୁବଜ୍ୟୋତି କ୍ଲବ କୌଣସି ଗୋଲ ଦେଇ ନ ଥିଲା। ମ୍ୟାଚକୁ ରେଫରି ଅରୁଣ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନିଲ ନନ୍ଦ ଓ ଦେବରାଜ ସାମଲ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ସଚିନ ସାହୁ ଓ ସମସୁର ଖାଁ ସହାୟତା କରିଥିଲେ। ସୋମବାର ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ ଶରଧାପୁର ସ୍ପୋର୍ଟ୍ସ କ୍ଲବ ଖୋର୍ଦ୍ଧାକୁ ୩-୦ ଗୋଲରେ ଟାଇବେକ୍ରର ଜରିଆରେ ପରାସ୍ତ କରି କିଶୋର କ୍ଲବ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ଓ ୟୁନାଇଟେଡ଼ କ୍ଲବ ଭଦ୍ରକ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କିରଣ



@ ବିଜୟ



@ ଗୀତା



@ ସୋନମ



@ ଚିକ୍କୁ



@ ଆଶୁତୋଷ

## 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ଉନ୍ମୋଚିତ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ଯୁବ ସ୍ତମ୍ଭକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଲେଖିକାଙ୍କର ଏହା ପ୍ରଥମ ପୁସ୍ତକ ହୋଇଥିବାରୁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିବା ସହିତ ଆଗକୁ ଅଧିକ ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲେ। ଏଥିସହ ଲେଖିକା ଓଡ଼ିଶାର ମହିଳା ଓ ଶିଶୁମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଥିବା ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ପୁସ୍ତକରେ ମୋଟ ୪୦ଟି ଆଲେଖ୍ୟ ରହିଛି। ଏ ସମସ୍ତ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ରାଜଭବନ ପରିସରରେ ନିରାଡ଼ମ୍ବର ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଖିକା ଧଳଙ୍କ ସହିତ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ଧଳ, ପୁତ୍ର ଶିବମ୍, ମା' ନମିତା ପଟ୍ଟନାୟକ ଏବଂ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରୁଛନ୍ତି।



ରାଜ୍ୟରେ ହତ୍ୟାକାଣ୍ଡ, ଶିଶୁ ଚୋରି ଏବଂ ଅଙ୍ଗ ଚୋରା ଚାଲାଣ ଘଟଣାରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ୨୧ ପରିବାରର ସଦସ୍ୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି କିମ୍ବା ସିବିଆଇ ତଦନ୍ତ ଦାବିରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।



ପୁସ୍ତକକାର ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ'କୁ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ବୈଠକ

**କଟକ ଅଫିସ, ୧୪।୧୨:** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ପକ୍ଷରୁ ଏକ ବୈଠକ ଗତିରାଉତପାଟଣାସ୍ଥିତ କେଶବଧାମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଙ୍ଗଠନ ମନ୍ତ୍ରୀ କାଶୀପତି ଯୋଗଦେଇଥିଲେ। ପ୍ରାରମ୍ଭରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ସମେତ ୧୩ ଜଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ୧୭ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସନ୍ଧ୍ୟା ଅଧିବେଶନରେ କାଶୀପତି ଯୋଗଦେଇ ଅବହେଳିତ ବସ୍ତି, ବିଭିନ୍ନ ଅଞ୍ଚଳରେ ସେବା ମାଧମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କାର ପହଞ୍ଚାଇବାକୁ କହିଥିଲେ। ଏଥିରେ ବିଦ୍ୟାଭାରତୀ ଅଖିଳ ଭାରତୀୟ ମନ୍ତ୍ରୀ ଡ. କିଶୋର ଚନ୍ଦ୍ର ମହାନ୍ତି, ପୂର୍ବକ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ଦିବାକର ଘୋଷ, ଓଡ଼ିଶା ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହନ୍ତ ଓ ଶିକ୍ଷା ବିକାଶ ସମିତି ସହ ସମ୍ପାଦକ ଡ. ତରୁଲତା ଦେବୀ ଉପସ୍ଥିତ ଥିଲେ।

### କର୍ଣ୍ଣାଟକ ବ୍ୟାଙ୍କ ଜିଏମ୍‌ଙ୍କ ଡ୍ରିମ୍ସ ପରିଦର୍ଶନ

**କଟକ ଅଫିସ, ୧୪।୧୨:** କର୍ଣ୍ଣାଟକ ବ୍ୟାଙ୍କର ଜିଏମ୍ ରବିଚନ୍ଦ୍ରନ୍ ଏସ୍ ମଙ୍ଗଳବାର ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ଓ ପଦ୍ମିନୀ କେୟାର ହସ୍ପିଟାଲ ପରିଦର୍ଶନ କରିଥିଲେ। ସେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ନର୍ସିଂ ଓ ଅନ୍ୟାନ୍ୟ ବିଭାଗ ସହ କେନ୍ଦ୍ରୀୟ ପାଠାଗାର, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା ସମ୍ବନ୍ଧରେ ପଚାରି ବୁଝିଥିଲେ। ଡ୍ରିମ୍ସ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ସହିତ ଆଲୋଚନା କରିବା ସହ ଗ୍ରାମାଞ୍ଚଳରେ ଏଭଳି ଉନ୍ନତ ଶିକ୍ଷା ଓ ସେବା ପ୍ରତିଷ୍ଠାନ ସ୍ଥାପନ ପାଇଁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମାରକୀ ଉପଢୌକନ ସହ ରବିଚନ୍ଦ୍ରନ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପରିଚାଳକ କେ. ସତ୍ୟନାରାୟଣ ଶର୍ମା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରମେଶ ଚନ୍ଦ୍ର ପ୍ରତାପ, ପ୍ରସନ୍ନ କୁମାର ସାହୁ, ଶିବପ୍ରସାଦ ରାଉତ ଓ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ

**ଆଠଗଡ଼/ଡିଗିରିଆ, ୧୪।୧୨(ସ୍ୱ.ପ୍ର./ଡି.ଏନ୍.ଏ):** ଆଠଗଡ଼ ବ୍ଲକ ଅନ୍ତର୍ଗତ ମହୋତ୍ସବ ପଡ଼ିଆରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଆଠଗଡ ଉପଖଣ୍ଡର ୫୨୦ଜଣ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଥିଲେ। ସେମାନଙ୍କ ମଧ୍ୟରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୩୪୦ ଓ ଏନଏସି ଅଞ୍ଚଳର ୧୮୦ଜଣ ହିତାଧିକାରୀ ରହିଛନ୍ତି। କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବିଡ଼ିଓ ଅରୁଣ କୁମାର ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଡିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ସାହାଦତ ଖାଁ, ବ୍ଲକ ଅଧକ୍ଷା ରୁପା ଦଳେଇ, ମିଶନଶକ୍ତି ସଭାନେତ୍ରୀ ସମସୁରା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

# ଦନ୍ତାହାତୀ ଶିକାର ଘଟଣା: ଆଉ ଜଣେ ଗିରଫ

ଆଠଗଡ,୧୪।୧୨(ସ୍ୱ.ପ୍ର)

ଆଠଗଡ ବନଖଣ୍ଡ ଅନ୍ତର୍ଗତ ବଡ଼ମ୍ବା ରେଞ୍ଜର ନାଗତୋଟା ସଂରକ୍ଷିତ ଜଙ୍ଗଲରୁ ୨୦୧୮ରେ ଏକ ଦନ୍ତାହାତୀ ଶିକାର ଘଟଣାରେ ଜଣଙ୍କୁ ତାଳଚନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲରୁ ଗିରଫ କରାଯାଇଛି। ସେ ହେଲେ ବଡ଼ମ୍ବା ବ୍ଲକ ଦଶରଥପୁର ଅନ୍ତର୍ଗତ ଖରୋଡ଼ା ଗ୍ରାମର ଈଶ୍ୱର ବେହେରା। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ଏନେଇ ବଡ଼ମ୍ବା ବନଖଣ୍ଡ ପକ୍ଷରୁ ବନ୍ୟଜନ୍ତୁ ଅପରାଧ ମାମଲା ନଂ.୫୯ବି/୨୧-୨୨ ରୁଜୁ କରାଯାଇଛି। ପୂର୍ବରୁ ଏହି ଘଟଣାରେ ବଡମ୍ବା ଥାନା ଅନ୍ତର୍ଗତ ଗୋପପୁର ଗ୍ରାମର ରାଜୀବ କୁମାର ସ୍ୱାଇଁ, ତେଲି କମ୍ପିଲୋ ଗ୍ରାମର ରାଜୁ ଦେହୁରୀ, ଗୁଣ୍ଡଦ୍ୱାରା ଗ୍ରାମର ସୁବଳ ନାୟକ ଏବଂ ଅଚ୍ୟୁତପୁର ଗ୍ରାମର କୋଇଲି ନାୟକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୬ଟି ବନ୍ଧୁକ ଜବତ କରାଯାଇଥିଲା। ଏଥିସହ ୨ଟି ହାତୀଦାନ୍ତ ଜବତ କରାଯାଇଥିଲା। ଜବତ ହାତୀ ଦାନ୍ତରୁ ଗୋଟିଏର ଲମ୍ବ ୩୭ ସେମି ଓଜନ ୫୬୦ ଗ୍ରାମ ହୋଇଥିବାବେଳେ ଅନ୍ୟଟିର ଲମ୍ବ ୪୨ ସେମି ଏବଂ ଓଜନ ୬୯୦ ଗ୍ରାମ ବୋଲି ଜଣାପଡିଛି। ଏହି ହାତୀଦାନ୍ତକୁ ପରୀକ୍ଷା ପାଇଁ ଭାରତୀୟ ବନ୍ୟପ୍ରାଣୀ ଅନୁଷ୍ଠାନ ଡେରାଡୁନକୁ ପଠାଯାଇଥିବା



ବିଭାଗ ପକ୍ଷରୁ କୁହାଯାଇଛି।

ଗତ ନଭେମ୍ବର ୫ରେ ତାଳଚନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲରୁ ରାଜୀବ ଓ ରାଜୁ ହାତୀ ଶିକାର କରିବାକୁ ଉଦ୍ୟମ କରୁଥିବାବେଳେ କୌଣସି ସୂତ୍ରରୁ ଖବରପାଇ ବଡମ୍ବା ବନବିଭାଗ ପକ୍ଷରୁ ଉଭୟଙ୍କୁ ଗିରଫ କରାଯାଇଥିଲା। ପଚରାଉଚୁରା ସମୟରେ ୨୦୧୮ ଫେବୃୟାରୀ ୨୬ରେ ନାଗତୋଟା ସଂରକ୍ଷିତ ଜଙ୍ଗଲରୁ ସେମାନେ ଏକ ହାତୀ ଶିକାର କରି ଦାନ୍ତ ଚୋରି କରିନେଇଥିବା ସ୍ୱୀକାର କରିଥିଲେ। ଏନେଇ ବନ୍ୟଜନ୍ତୁ ଅପରାଧ ମାମଲା ନଂ. ୧୪୬ ବି/୧୭-୧୮ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ସେମାନଙ୍କ ପାଖରୁ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇ ସୁବଳ ଓ କୋଇଲିଙ୍କୁ ହଳଦିଆସେନି ଅଞ୍ଚଳରୁ ହାତୀ ମାରିବାକୁ ଉଦ୍ୟମ କରୁଥିବାବେଳେ ଗିରଫ କରାଯାଇଥିଲା। ଗିରଫ ପରେ ଅଭିଯୁକ୍ତ ଦ୍ୱୟ ଏହି ଘଟଣାରେ ପ୍ରତାପ ନାୟକଙ୍କ ସମ୍ପୃକ୍ତି ଥିବା କହିଥିଲେ। ଏହାପରେ ଆଠଗଡ଼ ଡିଏଫ୍‌ଓଙ୍କ ଆଦେଶନାମା ୨୭୪ ଅନୁସାରେ ନଭେମ୍ବର ୧୮ରେ ପ୍ରତାପଙ୍କ ବଡ଼ମ୍ବାସ୍ଥିତ ବାସଭବନ ଉପରେ ଚଢ଼ାଉ କରାଯାଇ ଉପରୋକ୍ତ ହାତୀଦାନ୍ତ ଜବତ କରାଯାଇଥିଲା। ମାତ୍ର କୌଣସି ମତେ ପ୍ରତାପ ଖସିଯିବାକୁ ସକ୍ଷମ ହୋଇଥିଲେ। ଏହି ଘଟଣାରେ ମୋଟ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ଏପର୍ଯ୍ୟନ୍ତ ୫ ଜଣ ଧରାପଡ଼ିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଠଗଡ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ପ୍ରକାଶ କରିଛନ୍ତି।

## ୧୩,୨୩୯ ଜଣଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

କଟକ ଅଫିସ/ଫୁଲନଖରା/ଚୌଦ୍ୱାର, ୧୪।୧୨(ଡି.ଏନ୍.ଏ.)

### ଆଜି ସିଏମ୍‌ସିରେ କାର୍ଡ ବଣ୍ଟନ ବନ୍ଦ

କଟକ ମହାନଗର ନିଗମ(ସିଏମ୍‌ସି)ର ପ୍ରତି ୱାର୍ଡରେ ମଙ୍ଗଳବାରଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ସିଏମ୍‌ସି ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ତେବେ ସିଏମ୍‌ସି ଅଧୀନ ୫୯ଟି ୱାର୍ଡର ୭୪,୫୯୦ଜଣ ହିତାଧିକାରୀଙ୍କ ମଧ୍ୟରୁ ମଙ୍ଗଳବାର ୮୩୯୪ ଜଣଙ୍କୁ କାର୍ଡ ବଣ୍ଟାଯାଇଛି। ଆସନ୍ତା ୨୧ ତାରିଖ ସୁଦ୍ଧା ଏହି ବଣ୍ଟନ ଶେଷ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ ବୁଧବାର କାର୍ଡ ବଣ୍ଟନ ବନ୍ଦ ରହିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

କଟକ ସଦର ବ୍ଲକ ଅଧୀନ ଉରାଳି ପଞ୍ଚାୟତରେ ୧୯୫୫ ଓ ଆମଣ ପଞ୍ଚାୟତରେ ୧୦୭୦ ଜଣ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଥିଲା। ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ପଞ୍ଚାୟତର ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ପାଇଁ ବ୍ରାହ୍ମଣଝରିଲୋ କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଯୋଗଦେଇ ୧୭୮୦ ଜଣଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏଥିରେ ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡା, ବିଜେଡି ବ୍ଲକ ସଭାପତି ଗୋଲେଖ ପାତ୍ର, ବ୍ଲକ ଅଧକ୍ଷ ସରୋଜ ସାହୁ, ସମିତି ସଭ୍ୟା ପୂର୍ଣ୍ଣିମା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଚୌଦ୍ୱାର ପୌରାଞ୍ଚଳର ୨ଟି କେନ୍ଦ୍ରରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ୪୦ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ତେବେ ଲୋକଙ୍କ ଭିଡ ଯୋଗୁ ଏହି ବଣ୍ଟନରେ ବ୍ୟାଘାତ ସୃଷ୍ଟି ହୋଇଥିଲା। କେତେଜଣ ଲୋକ ନିରାଶ ହୋଇ ଫେରିଥିଲେ। ଆଗାମୀ ଦିନରେ ପୌର କାର୍ଯ୍ୟାଳୟରେ ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କୁ ସୁବିଧାରେ ଏହି କାର୍ଡ ଯୋଗାଇ ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା କହିଛନ୍ତି।

## ବାଲିଯାତ୍ରା ପଡ଼ିଆରେ ଗଙ୍ଗାଜଳ ଛିଞ୍ଚିଲେ

କଟକ ଅଫିସ, ୧୪।୧୨

### କଟକ ନଗର ଭାଜପା ପକ୍ଷରୁ ଅଭିନବ ପ୍ରତିବାଦ

କଟକ ନଗର ଭାଜପା କାର୍ଯ୍ୟକର୍ତ୍ତାମାନେ ମଙ୍ଗଳବାର ସକାଳେ ବାଲିଯାତ୍ରା ପଡ଼ିଆ ଓ ସଭା ମଞ୍ଚରେ ଗୋବର ପାଣି, ଗଙ୍ଗାଜଳ ଛିଞ୍ଚି ପବିତ୍ର କରିଥିଲେ। ସୋମବାର ବାଲିଯାତ୍ରା ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀଙ୍କ ଗହଣରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣା ଓ ବିଭିନ୍ନ ହତ୍ୟାରେ ଜଡିତ ମନ୍ତ୍ରୀମାନଙ୍କୁ ସାଙ୍ଗରେ ଧରି ମୁଖ୍ୟମନ୍ତ୍ରୀ ଏଠାକୁ ଆସିଥିବା ଅଭିଯୋଗ କରି କଟକର ପବିତ୍ର ମାଟିକୁ ଅପବିତ୍ର କରିଥିବାରୁ ନଗର ଭାଜପା ପକ୍ଷରୁ ଏପରି ପ୍ରତିବାଦ କରାଯାଇଛି । ସମ୍ପୃକ୍ତ ମନ୍ତ୍ରୀମାନଙ୍କୁ ଗିରଫ ଓ ବହିଷ୍କାର ନ କରିବା ଯାଏ ଭାଜପା ଏଭଳି ପ୍ରତିବାଦ ଜାରି ରଖିବ ବୋଲି କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ସୂଚନା ଦେଇଛନ୍ତି। ରଶ୍ମିରେଖା ଦାସ, ପ୍ରବୀଣା ମହାପାତ୍ର, ନମିତା ମିଶ୍ର, ବିଶ୍ୱରଞ୍ଜନ ମିଶ୍ର, ମହମ୍ମଦ ସବିର, ପୂର୍ଣ୍ଣଚନ୍ଦ୍ର ଜେନା, ଜୟକୃଷ୍ଣ ସ୍ୱାଇଁ, ଅମ୍ବିକା ଦାସ, ସଂଯୁକ୍ତା ମିଶ୍ର, ସତ୍ୟ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।



ବାଲିଯାତ୍ରା ପଡ଼ିଆ ସଭାସ୍ଥଳରେ ମଙ୍ଗଳବାର କଟକ ନଗର ଭାଜପା ପକ୍ଷରୁ ଝାଡୁ କରାଯିବା ସହ ଗଙ୍ଗାଜଳ ସିଞ୍ଚନ କରାଯାଉଛି।




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦୋକାନ ଭଙ୍ଗା ବନ୍ଦ ଓ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଉଛି।

## ଡ୍ରିମ୍ସ ପଲିଟେକ୍‌ନିକରୁ ରେକର୍ଡ କ୍ୟାମ୍ପସ ଚୟନ

କଟକ,୧୪।୧୨

ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ଡ୍ରିମ୍ସ ପଲିଟେକ୍‌ନିକ'ରୁ ରେକର୍ଡ ସଂଖ୍ୟକ ୬୩ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ ଜରିଆରେ ଚୟନ କରାଯାଇଛି। କ୍ୟାମ୍ପସ ଚୟନରେ ମନୋନୀତ ହୋଇଥିବା ଛାତ୍ରମାନେ ମେକାନିକାଲ, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ବିଭାଗର ବୋଲି ସୂଚନା ମିଳିଛି। ଦେଶର ଅନ୍ୟତମ ପ୍ରତିଷ୍ଠିତ ଉଦ୍ୟୋଗ ଇଣ୍ଡଚ କମ୍ପୋଜିଟ୍ ଟେକ୍ନୋଲୋଜି ପକ୍ଷରୁ ୨୦୨୦-୨୧ ବର୍ଷ ପାଇଁ ଏହି କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାନୁଷ୍ଠାନ ସହଯୋଗରେ ନିଯୁକ୍ତିପତ୍ର ସମ୍ପୃକ୍ତ କମ୍ପାନୀ ପକ୍ଷରୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କ୍ୟାମ୍ପସ ଚୟନରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନୁଷ୍ଠାନର ପିଲାମାନେ ହେଉଛନ୍ତି ଆମର ବ୍ରାଣ୍ଡ ଆମ୍ବାସାଡର। ପିଲାମାନଙ୍କ ସଫଳତାରେ ଆମେ ଗୌରବାନ୍ୱିତ ବୋଲି ରଥ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ନିର୍ଦ୍ଦେଶକ ଡ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧକ୍ଷା ଇଂ ତପସ୍ୱିନୀ ସାହୁ , ସିଡିସିର ସହ ନିର୍ଦ୍ଦେଶକ ପ୍ରାଧାପକ ଜିତେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଏହି କର୍ମନିୟୋଜନ କ୍ଷେତ୍ରରେ ନୂତନ ଆହ୍ୱାନକୁ ଗ୍ରହଣ କରି ସଫଳତା ପାଇଥିବା ଛାତ୍ରାଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ପ୍ଲେସ୍‌ମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ଓ ବିଭାଗୀୟ ସହଯୋଗୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କ୍ୟାମ୍ପସ ଚୟନ ଅବସରରେ ଉପସ୍ଥିତ ଅନୁଷ୍ଠାନର କର୍ତ୍ତୃପକ୍ଷ ଓ ଛାତ୍ରମାନେ।

## ଡିସିପି, ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ,୧୪।୧୨

### କଂଗ୍ରେସ କର୍ମୀଙ୍କୁ ପୋଲିସ ମାଡ଼ ମାରିବା ଘଟଣା

ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଗତ ୧୦ ତାରିଖରେ ପୋଲିସ ପଶି କର୍ମୀମାନଙ୍କୁ ମାଡ ମାରିଥିଲା। ଏହାର ପ୍ରତିବାଦରେ କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର କଟକ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଟକ ଡିସିପି ପ୍ରତୀକ୍ ସିଂଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କମିଟି ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ଶୈଳବାଳା ଜେନା, ତୃପ୍ତି ଦାସ, ନମିତା ମଞ୍ଜରୀ ସାହୁ, ଚାରୁଲତା ସାହୁ, ଗୌରୀ ଦାସ, ଲିଜାରାଣୀ ରାଉତ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସେକ ଗୁଲାମ ମୋଇଉଦ୍ଦିନ, ସ୍ମୃତି ରଞ୍ଜନ ରାଉତଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ଜିଲା କଂଗ୍ରେସ ପକ୍ଷରୁ ଉକ୍ତ ଘଟଣାର ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ପରେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଡ. ବିପ୍ଳବ ଶୀଳାଦିତ୍ୟଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କମିଟି ଉପସଭାପତି ମନୋଜ ବିଶ୍ୱାଳ, ପ୍ରିୟଜିତ ରାୟ, ଶିଶିର ରଥ, ଛାତ୍ରନେତା ଆଶୁତୋଷ ରାଉତ, କଂଗ୍ରେସ ନେତ୍ରୀ ନିରୁପମା ଦାସଙ୍କୁ ନେଇ ଏକ ପ୍ରତିନିଧି ଦଳ ଜିଲା ଏସ୍‌ପି ଯୁଗଳ କିଶୋର କୁମାର ବାନୋଥଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା।



## ଆଜି ଉଦ୍‌ଘାଟନ ହେବ ଇ-ଅଫିସ

କଟକ ଅଫିସ, ୧୪।୧୨

ଡିଜିଟାଇଜେଶନ ହେବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଥିବା ସମସ୍ତ କାଗଜପତ୍ର। ଶିକ୍ଷା ବ୍ୟବସ୍ଥାର ଉତ୍ତମ ପରିଚାଳନା ପାଇଁ ଓଡ଼ିଶାରେ ପ୍ରଥମଥର ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟନ ହେବ ଇ-ଅଫିସ। ବିଶ୍ୱବିଦ୍ୟାଳୟ ସମସ୍ତ ବିଭାଗର କାଗଜପତ୍ରକୁ ସ୍କାନ କରାଯାଇ ଫାଇଲ ପ୍ରସ୍ତୁତ କରାଯାଇଛି। ବୁଧବାର ବୁଧବାର ବିଶ୍ୱବିଦ୍ୟାଳୟ କୁଳପତି ସିଣ୍ଡିକେଟ ହଲ୍‌ରେ ଏହି ଇ-ଅଫିସ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଫାଇଲ କିପରି ବ୍ୟବହାର କରାଯିବ ତାହାର ଡିଜାଇନ ପ୍ରସ୍ତୁତ ସହ ସମସ୍ତ କାର୍ଯ୍ୟ ଶେଷ ହୋଇଛି । ଏନେଇ ପ୍ରାଧାପକ, ଅଧାପକ ଓ କର୍ମଚାରୀମାନଙ୍କୁ ଆଗାମୀ ଦିନରେ ଟ୍ରେନିଂ ଦିଆଯିବ। ପୂର୍ବରୁ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ କାର୍ଯ୍ୟରେ ବିଳମ୍ବ ହେଉଥିଲା। ଇ-ଅଫିସ ହେବାଦ୍ୱାରା ଏହି ସମସ୍ୟା ଦୂରହେବ। ଜଣେ ଅଧିକାରୀ ଅନ୍ୟ ଜଣେ ଅଧିକାରୀଙ୍କ ସମ୍ପର୍କିତ ତଥ୍ୟ ସହଜରେ ପାଇପାରିବେ। ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ବିଳମ୍ବ ହେବ ନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ। ବୁଧବାର ବିଶ୍ୱବିଦ୍ୟାଳୟ କୁଳପତି ସିଣ୍ଡିକେଟ ହଲ୍‌ରେ ଏହି ଇ ଅଫିସକୁ ଉଦ୍‌ଘାଟନ କରିବେ ।

## ବାଣୀବିହାର-୮୦ରେ ବାର୍ଷିକ ବନ୍ଧୁମିଳନ

କଟକ ,୧୪।୧୨

ବାଣୀବିହାର ପୁରାତନ ଛାତ୍ର ସଂଘ 'ବାଣୀବିହାର-୮୦' ର ନବମ ବାର୍ଷିକ ବନ୍ଧୁମିଳନ ସ୍ଥାନୀୟ ତେଲେଙ୍ଗାପେଣ୍ଠ ନିକଟସ୍ଥ ସାମନ୍ତରାୟ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଶତାଧିକ ସଭ୍ୟସଭ୍ୟାମାନେ ଯୋଗଦାନ କରିଥିଲେ। ସଂଘର ସଭାପତି ପୂର୍ବତନ ଆୟକର ପ୍ରଧାନ ଆୟୁକ୍ତ ଶରତ ଦାଶ, ସମ୍ପାଦକ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ବରିଷ୍ଠ ଅଧିକାରୀ ଆଶୁତୋଷ ଦାଶ, କୋଷାଧକ୍ଷ ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ ତଥା ପ୍ରବୀଣ କର୍ପୋରେଟ ପ୍ରଶିକ୍ଷକ ପରେଶ ମହାନ୍ତି ଓ ମୁଖପତ୍ର ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧାପକ ଡ. ଅଜୟ ମିଶ୍ର ଏବଂ ସଂଘର ପ୍ରତିଷ୍ଠାତା ସଭାପତି ପୂର୍ବତନ ଅବସରପ୍ରାପ୍ତ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା।

## ବାରାଶିଙ୍ଗା ମୃତ, ପାଣିଗୋଧି ଆହତ, ସିଂହ ସମ୍ରାଟ ଅସୁସ୍ଥ

ବାରଙ୍ଗ,୧୪।୧୨(ଡି.ଏନ୍.ଏ.)

ନନ୍ଦନକାନନର ୩୭ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ଏକ ମାଇ ବାରାଶିଙ୍ଗାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ରବିବାର ଏନ୍‌କ୍ଲୋଜରରେ ଖାଦ୍ୟାଭାବ ଯୋଗୁ ଅନ୍ୟ ଅଣ୍ଡିରା ବାରଶିଘାଙ୍କ ସହ ଗଣ୍ଡଗୋଳ ହୋଇ ତା' ଦେହରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହେବାରୁ ଅଚେତ ହୋଇ ତଳେ ପଡିଯାଇଥିଲା। ଏହାପରେ ତା'ର ଚିକିତ୍ସା ନନ୍ଦନକାନନ ଡାକ୍ତରମାନେ କରିଥିଲେ ହେଁ ବଞ୍ଚାଇ ପାରି ନ ଥିଲେ। ସେହିପରି ସରୀସୃପ ଉଦ୍ୟାନର ୪୯ ଏ ଏନ୍‌କ୍ଲୋଜରରେ ଥିବା ମାଇ ଓ ଅଣ୍ଡିରା ପାଣି ଗୋଧି ମାଡଗୋଳ ହୋଇ ଅସୁସ୍ଥ ହୋଇଛନ୍ତି। ସେହିପରି ଅଣ୍ଡିରା ସିଂହ ସମ୍ରାଟ ଅସୁସ୍ଥ ହୋଇଛି। ଡାକ୍ତରଖାନା ଆଇସିୟୁ ୱାର୍ଡରେ ରଖି ଚିକିତ୍ସା କରାଯାଉଛି।



ଭୁବନେଶ୍ୱର କଂଗ୍ରେସ ଭବନରେ କର୍ମୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ମଙ୍ଗଳବାର ପୁରୀ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।




କଟକ ଏସ୍‌ପି ଅଫିସ ସମ୍ମୁଖରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟ ଭିତରକୁ ମଙ୍ଗଳବାର ଛାତ୍ର କଂଗ୍ରେସ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ଅଟକାଉଛି ।